

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:71+ 3 July 2026 (Friday) + Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୭୧+୩ ଜୁଲାଇ ୨୦୨୬ (ଶୁକ୍ରବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୧


## ମୋଦୀ-ତାକାଇଚି ଦ୍ୱିପାକ୍ଷିକ କଥାବାର୍ତ୍ତା :

# ନିବେଶ, ପ୍ରତିରକ୍ଷା ଓ ସେମିକଣ୍ଡକ୍ଟର ଉପରେ ଚର୍ଚ୍ଚା



ନୂଆଦିଲ୍ଲୀ,୨/୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜାପାନ ପ୍ରଧାନମନ୍ତ୍ରୀ ସନାଏ ତାକାଇଚିଙ୍କ ମଧ୍ୟରେ ଗୁରୁବାର ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସଠାରେ ଦ୍ୱିପାକ୍ଷିକ ବୈଠକ ଆରମ୍ଭ ହୋଇଛି। ଦୁଇ ନେତା ନିବେଶ, ପ୍ରତିରକ୍ଷା, ସେମିକଣ୍ଡକ୍ଟର, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଯୋଗାଣ ଶୃଙ୍ଖଳ, ସାମୁଦ୍ରିକ ସୁରକ୍ଷା ଓ ଆଚଂଳିକ- ବେ ?ଶ୍ୱିକ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଏହି ବୈଠକ ୧୬ତମ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀର ଏକ ଅଂଶ। ଏହାପୂର୍ବରୁ ତାକାଇଚିଙ୍କୁ ରାଷ୍ଟ୍ରପତି ଭବନରେ ଆନୁଷ୍ଠାନିକ ଭାବେ ସ୍ୱାଗତ ସମ୍ବର୍ଦ୍ଧନା ଓ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ତାକାଇଚି ଜାପାନର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହେବା ପରେ ପ୍ରଥମ ଥର ଭାରତ ଗସ୍ତରେ ଆସିଛନ୍ତି। ତାଙ୍କର ତିନି ଦିନିଆ ଗସ୍ତ ସମୟରେ ତାକାଇଚି ଭାରତ-ଜାପାନ ବିଜନେସ୍ ଫୋରମରେ ମଧ୍ୟ ଅଂଶଗ୍ରହଣ କରିବେ, ଯେଉଁଠାରେ ଦୁଇ ଦେଶ ମଧ୍ୟରେ ନିବେଶ ଓ ଆର୍ଥିକ ସହଯୋଗ ବୃଦ୍ଧି ଉପରେ ଆଲୋଚନା କରାଯିବ।ଭାରତ ଓ ଜାପାନ ବାଣିଜ୍ୟରେ ଆମେରିକୀୟ ଡଲାରର ଗୁରୁତ୍ୱ ହ୍ରାସ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ନିକ୍କେଇ ଏସିଆର ଏକ ରିପୋର୍ଟ ଅନୁଯାୟୀ, ଦୁଇ ଦେଶ ଏକ ଏପରି ବ୍ୟବସ୍ଥା ଉପରେ କାମ କରୁଛନ୍ତି ଯାହା ବାଣିଜ୍ୟ ପେମେଂଟକୁ ସିଧାସଳଖ ଭାରତୀୟ ଟଙ୍କା ଓ ଜାପାନୀ ୟେନରେ କରିବାକୁ ଅନୁମତି ଦେବ। ଏହି ଯୋଜନା ଅନ୍ତର୍ଗତ ଜାପାନ କମ୍ପାନି ଭାରତର ବ୍ୟାଙ୍କରେ ସ୍ୱତନ୍ତ୍ର ଆକାଉଂଟ ଖୋଲି ସିଧାସଳଖ ଭାରତୀୟ ଟଙ୍କା ଓ ଜାପାନର ୟେନ୍‌ରେ କାରବାର କରିପାରିବେ। କାରବାର ପାଇଁ ଆମେରିକୀୟ ଡଲାର କିମ୍ବା ତୃତୀୟ ଦେଶର ବ୍ୟାଙ୍କ ଆବଶ୍ୟକ ହେବ ନାହିଁ। ଗତବର୍ଷ ଅଗଷ୍ଟରେ ମୋଦୀଙ୍କ ଜାପାନ ଗସ୍ତ ଅବସରରେ ଦୁଇ ଦେଶ ଏହି ଯୋଜନାରେ କାର୍ଯ୍ୟ କରିବେ ବୋଲି ରାଜି ହୋଇଥିଲେ। ଜାପାନର ଅର୍ଥ ମନ୍ତ୍ରଣାଳୟ ସ୍ଥାନୀୟ ମୁଦ୍ରାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ୨୦୨୬ ଆର୍ଥିକ ବର୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ ସହିତ ଏକ ସହଯୋଗ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ଯାଉଛି। ଭାରତ ଓ ଜାପାନ ମଧ୍ୟରେ ଆର୍ଥିକ ସମ୍ପର୍କ ସ୍ଥିର ଭାବରେ ମଜଭୁତ ହେଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ୨୭.୫ ବିଲିୟନ ଡଲାରରେ ପହଂଚିଛି। ୨୦୨୫ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଜାପାନ ଭାରତରେ ୩.୨ ବିଲିୟନ ଡଲାର ନିବେଶ କରିଛି। ଜାପାନ ଆଗାମୀ ୧୦ ବର୍ଷ ମଧ୍ୟରେ ଭାରତରେ ୬୧ ବିଲିୟନ ଡଲାରରୁ ଅଧିକ ନିବେଶ କରିବାର ଲକ୍ଷ୍ୟ ମଧ୍ୟ ରଖିଛି। ଭାରତରେ ବର୍ତ୍ତମାନ ୧୪୦୦ ଜାପାନ କମ୍ପାନି କାମ କରୁଛନ୍ତି। ଭାରତ ଓ ଜାପାନ ବାଣିଜ୍ୟରେ ଆମେରିକୀୟ ଡଲାରର ଗୁରୁତ୍ୱ ହ୍ରାସ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ନିକ୍କେଇ ଏସିଆର ଏକ ରିପୋର୍ଟ ଅନୁଯାୟୀ, ଦୁଇ ଦେଶ ଏକ ଏପରି ବ୍ୟବସ୍ଥା ଉପରେ କାମ କରୁଛନ୍ତି ଯାହା ବାଣିଜ୍ୟ ପେମେଂଟକୁ ସିଧାସଳଖ ଭାରତୀୟ ଟଙ୍କା ଓ ଜାପାନୀ ୟେନରେ କରିବାକୁ ଅନୁମତି ଦେବ। ଏହି ଯୋଜନା ଅନ୍ତର୍ଗତ ଜାପାନ କମ୍ପାନି ଭାରତର ବ୍ୟାଙ୍କରେ ସ୍ୱତନ୍ତ୍ର ଆକାଉଂଟ ଖୋଲି ସିଧାସଳଖ ଭାରତୀୟ ଟଙ୍କା ଓ ଜାପାନର ୟେନ୍‌ରେ କାରବାର କରିପାରିବେ।

## ଖଣି କ୍ଷେତ୍ରରେ ଦେଶର ବଡ଼ ବିଦେଶୀ ପୁଞ୍ଜି ନିବେଶ

### ଶିକ୍ଷ ବିଭାଗ ଓ ଅନ୍ତରାଷ୍ଟ୍ରୀୟ ହୋଲଡିଂ କମ୍ପାନୀ ସହ ଏମଓୟୁ



ଭୁବନେଶ୍ୱର,୨/୭(ନି/ପ୍ର): ଓଡ଼ିଶାରେ ଦେଶର ବୃହନ୍ନ ବିଦେଶୀ ପୁଞ୍ଜି ନିବେଶ। ଆଦାନୀ ଏଂଟର ପ୍ରାଇଜେସ୍ ଲିମିଟେଡ ଅନ୍ତରାଷ୍ଟ୍ରୀୟ ହୋଲଡିଂ କମ୍ପାନୀ ଓଡ଼ିଶାରେ ନିବେଶ କରିବ ୧ ଲକ୍ଷ ୧ ହଜାର କୋଟି। ଏହା ରାଜ୍ୟର ଖଣି କ୍ଷେତ୍ରରେ ବଡ଼ ବିଦେଶୀ ପୁଞ୍ଜିନିବେଶ । ଏଥିପାଇଁ ଗଙଟ ସ୍ୱାକ୍ଷର ହୋଇଛି। ଲୋକସେବା ଭବନ କନଭେନସନ ସେଂଟରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଶିକ୍ଷ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଶିକ୍ଷ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏଥିରେ ଉପସ୍ଥିତ ଥିଲେ। ୧ ଲକ୍ଷ ୧ ହଜାର କୋଟି ନିବେଶ ଦ୍ୱାରା ୫୩ ହଜାର ୫ଶହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

## ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର ; ୭ ଯାଏଁ ପ୍ରବଳ ବର୍ଷା

ଭୁବନେଶ୍ୱର,୨/୭(ନି/ପ୍ର):ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଉତର ଓଡ଼ିଶା ଉପକୂଳ ନିକଟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତନଠାରୁ ପ୍ରାୟ ୭.୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପି ରହିଛି। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଲଘୁଚାପ ଆହୁରି ସକ୍ରିୟ ହୋଇ ସୁଦୃଢ଼ ଲଘୁଚାପ କ୍ଷେତ୍ରରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରକୋପ ଜାରି ରହିବ। ଗତ ଦୁଇ ଦିନ ଧରି ରାଜ୍ୟର ବିଭିନ୍ନ ଅଚଂଳରେ ଲଗାଣ ବର୍ଷା ହେଉଥିବା ବେଳେ କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଆଜି ସକାଳ ୮ଟା ସୁଦ୍ଧା ବରଗଡ଼ ଜିଲ୍ଲାର ଅମ୍ବାଭୋନାରେ ସର୍ବାଧିକ ୧୮୦ ମିଲିମିଟର ବର୍ଷା ହୋଇଛି। ସେହିପରି ସମ୍ବଲପୁର ଜିଲ୍ଲାର ଯୁଯୁମରାରେ ୧୩୦ ମିଲିମିଟର ଏବଂ ବରଗଡ଼ର ଅତାବିରାରେ ୧୨୦ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଟ୍ୱିନ୍ ସିଟି ଭୁବନେଶ୍ୱର-କଟକରେ ମଧ୍ୟ ଲଗାଣ ବର୍ଷା ଜାରି ରହିଛି।ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ପ୍ରଭାବ ଲାଗି ରହିବ। କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତର ଆଶଙ୍କା ଥିବାରୁ ସତର୍କତା ଜାରି କରାଯାଇଛି।

## ଲଗାଣ ବର୍ଷା ପାଇଁ ବିଦ୍ୟାଳୟ ଦୁଇଦିନ ଛୁଟି ଘୋଷଣା

ଘୁ.ଉଦୟଗିରି,୨/୭(ନି/ପ୍ର): ରାଜ୍ୟରେ ଗତକାଲି ଠାରୁ ଲଗାଣ ବର୍ଷା ଜାରି ରହିଛି। କନ୍ଧମାଳରେ ମଧ୍ୟ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି। ବର୍ଷା ଯୋଗୁଁ କନ୍ଧମାଳ ଜିଲ୍ଲାପାଳ ଆଜି ଠାରୁ ଦୁଇ ଦିନ ସ୍କୁଲ ଛୁଟି ଘୋଷଣା କରିଛନ୍ତି। ଅର୍ଥାତ ଜୁଲାଇ ୨ ଏବଂ ୩ ତାରିଖରେ କନ୍ଧମାଳ ଜିଲ୍ଲାରେ ସ୍କୁଲ ଛୁଟି ରହିବ। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛୁଟି ରହିବ ବୋଲି ଜିଲ୍ଲାପାଳ ଘୋଷଣା କରିଛନ୍ତି। ତେବେ ଜିଲ୍ଲାପାଳ ଆଜି ଛୁଟି ଘୋଷଣା କରିବା ପୂର୍ବରୁ ଅନେକ ସ୍କୁଲର ପିଲାମାନେ ଘରୁ ବାହାରି ସାରିଥିଲେ। ଅନେକ ଛାତ୍ରଛାତ୍ରୀ ସ୍କୁଲରେ ପହଂଚି ସାରିଥିଲା ବେଳେ ଆହୁରି ଅନ୍ୟପିଲାମାନେ ବାଟରେ ଥିଲେ। ଦୁଇ ଦିନିଆ ସ୍କୁଲ ଛୁଟି ଘୋଷଣା ବିଳମ୍ବରେ ହୋଇଥିବା ଯୋଗୁଁ ସମସ୍ତ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ବର୍ଷାରେ ଭିଜିଭିଜି କଷ୍ଟରେ ପହଚିଂ ଥିଲେ। ପରେ ବିଦ୍ୟାଳୟରେ ଉପସ୍ଥାନ ପଡ଼ି ବିଦ୍ୟାଳୟ ଛୁଟି ଘୋଷଣା କରାଯାଇଥିଲା। ଫଳରେ ପିଲାମାନେ ନିରାଶ ହୋଇ ପୁଣି ବର୍ଷାରେ ଭିଜିଭିଜି ନିଜନିଜ ଘରକୁ ଫେରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଯଦି ବିଦ୍ୟାଳୟ ଛୁଟି କରିବାର ଥିଲା ତାହାହେଲେ ସମୟ ପୂର୍ବରୁ କାହିଁକି ପିଲାଙ୍କୁ ସୂଚନା ପ୍ରଦାନ କରାଗଲା ନାହିଁ? ପିଲା ଛୁଟି ବିଷୟରେ ଜାଣି ନପାରି ବିଦ୍ୟାଳୟକୁ ଆସି ପୁଣି ଫେରିବା ପୁଣି ଲଗାଣ ବର୍ଷାରେ କଷ୍ଟଦାୟକ। ଆଜି ଛୁଟିର ମାନେ କିଛି ନାହିଁ ବୋଲି ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି।

## ଆରବ ସାଗରରେ ଆମେରିକା ହେଲିକପ୍ଟରର ଜରୁରୀକାଳୀନ ଅବତରଣ



ନୂଆଦିଲ୍ଲୀ,୨।୭: ଆରବ ସାଗରରେ ଏକ ବଡ଼ଧରଣର ବିମାନ ଦୁର୍ଘଟଣା ଘଟିଛି । ଆମେରିକୀୟ ନୌସେନାର ଏକ ପ୍ରତିରକ୍ଷା ହେଲିକପ୍ଟର 'ଏମଏଚ୍-୬୦ଏସ୍ ସି ହକ୍' ଜରୁରୀକାଳୀନ ଅବତରଣ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ସମୁଦ୍ରରେ ପଡ଼ିଯାଇଛି । ଏହି ଭୟାବହ ଦୁର୍ଘଟଣାରେ ହେଲିକପ୍ଟରରେ ଥିବା ୪ ଜଣ କ୍ରୁ ମେମ୍ବରଙ୍କ ମଧ୍ୟରୁ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ଜଣେ ନିଖୋଜ ଅଛନ୍ତି । ବୁଧବାର ଆମେରିକା ସେନା ପକ୍ଷରୁ ଏକ ସରକାରୀ ବିବୃତ୍ତି ଜାରି କରି ଏହି ସୂଚନା ଦିଆଯାଇଛି । ଆମେରିକା ନୌସେନାର '୫ମ ଫ୍ଲିଟ୍' ପକ୍ଷରୁ କୁହାଯାଇଛି ଯେ, ଏହି ଦୁର୍ଘଟଣା କୌଣସି ଶତ୍ରୁ ଦେଶର ଆକ୍ରମଣ ଯୋଗୁଁ ହୋଇନାହିଁ । ପ୍ରାଥମିକ ଦୃଷ୍ଟିରୁ ଏହା ଏକ ଯାନ୍ତ୍ରିକ ତ୍ରୁଟି ବୋଲି ଅନୁମାନ କରାଯାଉଛି । ରିପୋର୍ଟ ଅନୁଯାୟୀ, ଜୁଲାଇ ୧ ତାରିଖ ସ୍ଥାନୀୟ ସମୟ ଭୋର ପ୍ରାୟ ୩:୩୦ ମିନିଟରେ ଏହି ଦୁର୍ଘଟଣା ଘଟିଥିଲା । ଏହି ହେଲିକପ୍ଟରଟି ଆମେରିକାର ବିଶାଳ ଯୁଦ୍ଧପୋତ 'ୟୁଏସଏସ ଜର୍ଜ ଏଚ୍. ଡବ୍ଲ୍ୟୁ. ବୁଶ୍' ଏୟାରକ୍ରାଫ୍ଟ କ୍ୟାରିୟରରେ ନିୟୋଜିତ ଥିଲା ଏବଂ ସେହିଠାରୁ ହିଁ ଏହା ଉଡ଼ାଣ ଭରିଥିଲା । ଦୁର୍ଘଟଣା ପରେ ସଙ୍ଗେ ସଙ୍ଗେ ଆମେରିକା ନୌସେନା ପକ୍ଷରୁ ବ୍ୟାପକ ସର୍ଚ୍ଚ ଆଣ୍ଡ ରେସକ୍ୟୁ ଅପରେସନ ଆରମ୍ଭ କରାଯାଇଥିଲା । ସମୁଦ୍ର ଭିତରୁ ୩ ଜଣ ଆହତ କ୍ରୁ ମେମ୍ବରଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇ ଚିକିତ୍ସା ପାଇଁ ପଠାଯାଇଛି । ତେବେ

## ଅମିତ ଶାହଙ୍କ ଓଡ଼ିଶା ଗସ୍ତ ବାତିଲ



ଭୁବନେଶ୍ୱର,୨/୭ (ନି/ପ୍ର): କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଓଡ଼ିଶା ଗସ୍ତ ବାତିଲ। ଆସନ୍ତାକାଲି ଓଡ଼ିଶା ଆସିଥାନ୍ତେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ। କିଛି ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ୩ ଦିନିଆ ଓଡ଼ିଶା ଗସ୍ତ ବାତିଲ କରାଯାଇଛି। ପରବର୍ତ୍ତୀ ସମୟ ଅମିତ ଶାହଙ୍କ ଗସ୍ତ ରି- ସିଡ୍ୟୁଲ ହେବ। ଏନେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାରଠୁ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହରୁ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସିଥାନ୍ତେ। ଗସ୍ତ ସମୟରେ ସେ ବରଗଡ଼, ସମ୍ବଲପୁର, କଟକ ଓ ଭୁବନେଶ୍ୱରରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥାନ୍ତେ । ଶନିବାର ବରଗଡ଼ ଓ ସମ୍ବଲପୁର ଯିବାର କାର୍ଯ୍ୟକ୍ରମ ଥିଲା । ବରଗଡ଼ରେ ଦିନ ୧୧ଟା ୨୦ରେ ବାଉଁଶିଙ୍ଘାସ୍ଥିତ ବିପିସିଏଲ ୨-ଜି ଇଥାନଲ ପ୍ଲାଂଟ ପରିଦର୍ଶନ କରିଥାନ୍ତେ । ପରେ ବରଗଡ଼ରେ ଆୟୋଜିତ ଜନସଭା ସ୍ଥଳରେ ଇଥାନଲ ପ୍ଲାଂଟ ଉଦ୍‌ଘାଟନ ଉତ୍ସବ ସାମିଲ ହୋଇଥାନ୍ତେ । ପରେ ସମ୍ବଲପୁର ଆସି ଅପରାହ୍ନରେ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ଥିଲା। ସେହିପରି ୫ ତାରିଖ (ରବିବାର) ବଡ଼ମ୍ବା ଯିବା ଥିଲା । ଦିନ ୧୧ଟା ୨୫ ରେ ବଡ଼ମ୍ବା ଚିନିକଳର ପୁନରୁଦ୍ଧାର ଉତ୍ସବରେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥାନ୍ତେ । ସେଠାରୁ ଫେରି ଅପରାହ୍ନ ୩ଟାରେ ଭୁବନେଶ୍ୱର ସପ୍ତମ ବାଟାଲିୟନ ପରିସରକୁ ଆସିଥାନ୍ତେ । ଓଡ଼ିଶା ପୁଲିସର ପ୍ରେସିଡେଂସ୍ କଲର୍ସ ପ୍ରେଜେଂଟେସନ ଉତ୍ସବରେ ସାମିଲ ହୋଇଥାନ୍ତେ ।

# ଚୀନ୍‌କୁ ଦଖଲ କରିବାକୁ ଦେବୁ ନାହିଁ :

## ପାନାମା କେନାଲକୁ ନେଇ ବେଜିଂକୁ ଖୋଲା ଚେତାବନୀ ଦେଲେ ଟ୍ରମ୍ପ

ୱାସିଂଟନ,୨/୭: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍‌କୁ ଏକ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ଚୀନ୍ ପାନାମା କେନାଲକୁ ଦଖଲ କରିବାକୁ ଚେଷ୍ଟା କରୁଛି, କିନ୍ତୁ ଆମେରିକା ଏପରି କରିବାକୁ ଦେବ ନାହିଁ। ଟ୍ରମ୍ପ ଏହି ରଣନୈତିକ ଜଳପଥର ନିୟନ୍ତ୍ରଣ ପାନାମାକୁ ହସ୍ତାନ୍ତର କରିବାର ନିଷ୍ପତ୍ତିକୁ ମଧ୍ୟ ସମାଲୋଚନା କରି କହିଛନ୍ତି, କେନାଲ ନିୟନ୍ତ୍ରଣ କେବେ ବି ପାନାମାକୁ ହସ୍ତାନ୍ତର କରାଯିବା ଉଚିତ୍ ନୁହେଁ। କେନାଲର ନିୟନ୍ତ୍ରଣ ପାନାମା ନେବା ପରେ ଫି ବୃଦ୍ଧି କରିଥିଲା ଏବଂ ଏଥିରୁ ପ୍ରଚୁର ଟଙ୍କା ରୋଜଗାର କରୁଛି। ଯେତେବେଳେ ଆମେ କେନାଲକୁ ପାନାମାକୁ ହସ୍ତାନ୍ତର କରିଥିଲୁ, ସେମାନେ ପ୍ରଥମେ ଜାହାଜ ପିଛା ମୂଲ୍ୟ ଚାରିଗୁଣା କରିଥିଲେ। ତା'ପରେ ସେମାନେ ପୁଣି ଥରେ ମୂଲ୍ୟ ବୃଦ୍ଧି କରିଥିଲେ। ଏହି ମାର୍ଗଦେଇ ବହୁ ସଂଖ୍ୟକ ଜାହାଜ ଚଳାଚଳ କରୁଛି ବୋଲି ଟ୍ରମ୍ପ କହିଛନ୍ତି। ଆମେ ଭେନେଜୁଏଲାରେ ଭଲ କାମ କରିଛୁ ଏବଂ ଇରାନରେ ମଧ୍ୟ ସମାନ ଭଲ କାମ କରୁଛୁ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ ପାନାମା କେନାଲର କାର୍ଯ୍ୟ ଚୀନ୍ ହାତକୁ ଯିବା ଆଶଙ୍କା ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଜାନୁଆରି ୨୦୨୫ରେ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳର ଉଦ୍‌ଘାଟନୀ ଭାଷଣ ସମୟରେ, ଟ୍ରମ୍ପ କହିଥିଲେ ଯେ, ସେ ପାନାମା କେନାଲର ନିୟନ୍ତ୍ରଣ ଫେରାଇ ନେବାକୁ ଚାହାଁନ୍ତି। ସେହି ସମୟରେ,ସେ କେନାଲରୁ ପାନାମା ଅତ୍ୟଧିକ ଟଙ୍କା ଆଦାୟ କରୁଥିବା



ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ,ପାନାମା କେନାଲ ହେଉଛି ଏକ ୮୨ କିଲୋମିଟର ଲମ୍ବ କୃତ୍ରିମ ଜଳପଥ ଯାହା ପାନାମାର ଇସ୍ଥମସ୍‌ର ସଂକୀର୍ଣ୍ଣତମ ଅଂଶ ଦେଇ ଗତି କରେ। ଏହା ଆଟଲାଟିଂକ୍ ଏବଂ ପ୍ରଶାନ୍ତ ମହାସାଗର ମଧ୍ୟରେ ସାମୁଦ୍ରିକ ବାଣିଜ୍ୟ ପାଇଁ ଏକ ପ୍ରମୁଖ ମାର୍ଗ। ଏହି କେନାଲ କାର୍ଯ୍ୟ ୧୯୦୩ ମସିହାରେ ଆରମ୍ଭ ହୋଇଥିଲା ଏବଂ ୧୯୧୪ ମସିହାରେ ସମାପ୍ତ ହୋଇଥିଲା। ପାନାମା କେନାଲ ଆମେରିକୀୟ ପ୍ରଯୁକ୍ତିବିଦ୍ୟା ଦକ୍ଷତା ଏବଂ ଆର୍ଥିକ ଶକ୍ତିର ପ୍ରତୀକ ପାଲଟିଥିଲା। ତେବେ କେନାଲ ଉପରେ ଆମେରିକୀୟ ନିୟନ୍ତ୍ରଣ ନେଇ ପରବର୍ତ୍ତୀ ସମୟରେ ଯୁକ୍ତରାଷ୍ଟ୍ର ଏବଂ ପାନାମା ସମ୍ପର୍କରେ ଉତ୍ତେଜନା ପ୍ରକାଶ ପାଇଥିଲା।

## କିଭ୍ ଉପରେ କ୍ଷେପଣାସ୍ତ୍ର-ବୋମା ବର୍ଷା କଲା ରୁଷ



କିଭ୍,୨/୭: ୟୁକ୍ରେନର ରାଜଧାନୀ କିଭ୍ ଉପରେ ୨ ଜୁଲାଇ ରାତିରେ ରୁଷ ପକ୍ଷରୁ ବଡ଼ ଧରଣର ଆକ୍ରମଣ ହୋଇଛି। ସାରା ସହର ଶୋଇଥିବା ବେଳେ, ରୁଷ ବହୁ ସଂଖ୍ୟକ ଡ୍ରୋନ୍ ଏବଂ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସହିତ ଏକକାଳୀନ ଆକ୍ରମଣ ଆରମ୍ଭ କରିଥିଲା। ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ରୁଷ ପକ୍ଷରୁ ଏକ ବଡ଼ଧରଣର ଆକ୍ରମଣ କରାଯିବାର ଯୋଜନା ଥିବା ନେଇ ଗୁଇନ୍ଦା ସୂଚନା ମିଳିଛି ବୋଲି ଦେଶବାସୀଙ୍କୁ ଚେତାବନୀ ଦେବାର କିଛି ଘଟାଂ ପରେ ଏହି ଆକ୍ରମଣ ହୋଇଥିଲା। ରୁଷ ଆକ୍ରମଣର ମୁଖ୍ୟ ଲକ୍ଷ୍ୟ ଥିଲା କିଭ୍‌ର କେନ୍ଦ୍ରୀୟ ଶେଭଚେନକିଭସ୍କି ଜିଲ୍ଲା। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ଯୋଗୁଁ ଅନେକ କୋଠା କ୍ଷତିଗ୍ରସ୍ତ ହୋଇଛି। ମେୟର ଭିଟାଲି କ୍ଲିଟସ୍କୋ ନିଶ୍ଚିତ କରିଛନ୍ତି ଯେ, ଆକ୍ରମଣରେ ଏକ ତିନି ମହଲା ବିଶିଷ୍ଟ ଅଣଆବାସିକ କୋଠାର ଛାତରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିଲା। କିଭ୍ ସହର ସାମରିକ ପ୍ରଶାସନ ମୁଖ୍ୟ ତୈମୁର ତକାଚେଙ୍କୋ ଜିଲ୍ଲାର ଏକ ହୋଟେଲରେ ଅଗ୍ନିକାଣ୍ଡ ଘଟିଥିବା ସୂଚନା ଦେଇଛନ୍ତି। ଏହା ଯୋଗୁଁ ସମଗ୍ର ଅଚଂଳରେ ଆତଙ୍କ ସୃଷ୍ଟି ହୋଇଥିବା ସେ କହିଛନ୍ତି। ରାତି ପ୍ରାୟ ୧:୫୩ ସମୟରେ, ୟୁକ୍ରେନୀୟ ବାୟୁସେନା ଉତ୍ତର କିଭ୍ ଆଡକୁ ଯାଉଥିବା ରୁଷିଆନ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଚିହ୍ନଟ କରିଥିଲା । କର୍ତ୍ତୃପକ୍ଷ ବାସିନ୍ଦାଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ଚେତାବନୀ ଜାରି କରିଥିଲେ। ତକାଚେଙ୍କୋ କହିଛନ୍ତି ଯେ, ରୁଷିଆ ଡ୍ରୋନ୍‌ଗୁଡ଼ିକ ବିଭିନ୍ନ ଦିଗରୁ କିଭ୍‌ରେ ପ୍ରବେଶ କରି ଆକ୍ରମଣ କରିଥିଲେ। ଆଗାମୀ ଦିନରେ ଏଭଳି ଆକ୍ରମଣ ପୁଣି ହୋଇପାରେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି।

## ଦେଶବ୍ୟାପୀ ଲାଗୁ ହେଲା ଭିବି-ଜି ରାମ ଜି ଅଧିନିୟମ

ନୂଆଦିଲ୍ଲୀ,୨/୭: ଗ୍ରାମୀଣ ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା, ସେମାନଙ୍କ ରୋଜଗାରକୁ ନିଶ୍ଚିତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ପ୍ରଣୟନ କରିଥିବା ବିକଶିତ ଭାରତ-ଗ୍ୟାରେଟିଂ ରୋଜଗାର ଓ ଆଜୀବିକା ମିଶନ (ଗ୍ରାମୀଣ) ବା ଭିବି-ଜି ରାମ ଜି ଅଧିନିୟମକୁ ବୁଧବାର (ଜୁଲାଇ ୧)ରୁ ଦେଶବ୍ୟାପୀ କାର୍ଯ୍ୟକାରୀ କରାଯାଇଛି। ଏହି ଅଧିନିୟମ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟକୁ ସାକାର କରିବା ଦିଗରେ ସହାୟକ ହେବ। ଏହାଦ୍ୱାରା ଗ୍ରାମାଚଂଳର ନିରନ୍ତର ବିକାଶ ସହିତ ଭିତିଭୂମି ମଜଭୁତ ହେବ। ଏହି ଆଇନ ଅଧୀନରେ ଗ୍ରାମାଚଂଳର ଲୋକଙ୍କୁ ବାର୍ଷିକ ୧୨୫ ଦିନର କର୍ମନିଯୁକ୍ତି ଯୋଗାଇ ଦେବାର ଗ୍ୟାରେଟିଂ ପ୍ରଦାନ କରାଯାଇଛି। ପୁର୍ବରୁ ପ୍ରଚଳିତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଟିଂ ଯୋଜନାରେ ପରିବର୍ତ୍ତନ କରାଯାଇ ଏହି ନୂଆ ଆଇନ ପ୍ରଣୟନ କରାଯାଇଛି। ପୂର୍ବ ଆଇନରେ ବାର୍ଷିକ ୧୦୦ ଦିନର ନିଯୁକ୍ତି ପ୍ରଦାନ କରାଯାଉଥିବାବେଳେ ନୂଆ ଆଇନରେ ଏହାକୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ଗ୍ରାମୀଣ ପରିବାରକୁ ଅଧିକ ନିଯୁକ୍ତି ସୁଯୋଗ ମିଳିବା ସହିତ ସେମାନଙ୍କ ଆର୍ଥିକ ସୁରକ୍ଷାକୁ ନିଶ୍ଚିତ ହୋଇପାରିବ। ନୂଆ ଆଇନକୁ କାର୍ଯ୍ୟକାରୀ କରାଯିବା ପୂର୍ବରୁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଥିବା କେନ୍ଦ୍ର ଗ୍ରାମାଚଂଳ ବିକାଶ ଏବଂ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା କରାଯାଇଛି। ମନ୍ତ୍ରୀ କହିଛନ୍ତି ଯେ କୌଣସି ଜଣେ ଯୋଗ୍ୟ ଗ୍ରାମୀଣ ଶ୍ରମିକ ଯେପରି ଗୋଟିଏ ଦିନ ନିଯୁକ୍ତି ସୁଯୋଗରୁ ବଚିଂତ ନହେବେ

## ରୁଷ-ୟୁକ୍ରେନ ଯୁଦ୍ଧରେ ୨୦ ଲକ୍ଷରୁ ଅଧିକ ସୈନିକ ମୃତାହତ :

### ରୁଷ ସହିଛି ଅଧିକ କ୍ଷତି



ୱାସିଂଟନ,୨/୭: ୟୁକ୍ରେନ ଉପରେ ରୁଷର ଆକ୍ରମଣ ଯୋଗୁଁ ୨୦ ଲକ୍ଷରୁ ଅଧିକ ସୈନିକ ମୃତାହତ ହୋଇଛନ୍ତି। ଆମେରିକୀୟ ଥିଙ୍କ ଟ୍ୟାଙ୍କ ସେଂଟର ଫର୍ ଷ୍ଟ୍ରାଟେଜିକ୍ ଆଣ୍ଡ୍ ଇଂଟରନ୍ୟାସନାଲ୍ ଷ୍ଟଡିଜ୍(ସିଏସଆଇଏସ)ଦ୍ୱାରା ପ୍ରକାଶିତ ଏକ ଅଧ୍ୟୟନରୁ ଏହା ଜଣାପଡିଛି। ରିପୋର୍ଟରେ ଆକଳନ କରାଯାଇଛି ଯେ, ଫେବ୍ରୁଆରି ୨୦୨୨ ରେ ମସ୍କୋ ୟୁକ୍ରେନ ଆକ୍ରମଣ କରିବା ପରଠାରୁ ୪ଲକ୍ଷରୁ ସାଢ଼େ ୪ ଲକ୍ଷ ରୁଷୀୟ ସୈନିକଙ୍କ ମୃତ୍ୟୁ ହୋଇଛି। ରୁଷୀୟ ସୈନ୍ୟଙ୍କ ମଧ୍ୟରୁ ମୋଟ ୧୪ ଲକ୍ଷ ଆହତ ଏବଂ ନିଖୋଜ ହୋଇଛନ୍ତି। ରୁଷ ଅଧିକ କ୍ଷତି ସହିଥିବା କୁହାଯାଉଛି।ସେହିପରି ୟୁକ୍ରେନୀୟ ସୈନ୍ୟଙ୍କ ମୃତାହତ ସଂଖ୍ୟା ୫ ଲକ୍ଷ ୨୫ ହଜାର ରୁ ୬ ଲକ୍ଷ ୨୫ ହଜାର ମଧ୍ୟରେ ରହିଛି। ଲକ୍ଷେ ୨୫ ହଜାରରୁ ଦେଢ଼ଲକ୍ଷ ମଧ୍ୟରେ ୟୁକ୍ରେନ ସୈନିକଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଯୁଦ୍ଧରେ ମୃତକଙ୍କ ସଂଖ୍ୟା ଆକଳନ କରିବା କଷ୍ଟକର ହେଉଛି କାରଣ ମସ୍କୋ ଯୁଦ୍ଧରେ ମୃତକ ଏବଂ ଆହତଙ୍କୁ କମ୍ ଗଣନା କରୁଥିବା କୁହାଯାଉଛି। ସେହିପରି ୟୁକ୍ରେନ୍ ନିଜର ସରକାରୀ ସଂଖ୍ୟା ପ୍ରକାଶ କରୁ ନାହିଁ। ଏହି ଅଧ୍ୟୟନରେ ଆମେରିକୀୟ ଏବଂ ବ୍ରିଟିଶ ସରକାରଙ୍କ ଆକଳନ, ଅନ୍ୟାନ୍ୟ ଉତ୍ସ ଆଧାରରେ ମୃତକଙ୍କ ସଂଖ୍ୟାର ରିପୋର୍ଟ ପ୍ରକାଶ କରାଯାଇଛି।




କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# କେନ୍ଦୁଝର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ



କେନ୍ଦୁଝର,୨/୭(ନି/ପ୍ର):ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମିନି କନଫରେନ୍ସ ହଲ୍‌ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଗାମୀ 'ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ୨୦୨୬' କାର୍ଯ୍ୟକ୍ରମର ରୂପରେଖ ଓ ସମୀକ୍ଷା ପାଇଁ ଏହି ବୈଠକ ଡକାଯାଇଥିଲା। ଏଥିରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ। ମତଦାନ ସୁବିଧା ପାଇଁ ନୂଆ ବୁଥ୍‌ମତଦାନ ପ୍ରକ୍ରିୟାକୁ ଅଧିକ ସୁବିଧାଜନକ କରିବା ପାଇଁ ପ୍ରଶାସନ ପକ୍ଷରୁ ବୁଥ୍ ସଂସ୍କାର କାର୍ଯ୍ୟ କରାଯାଇଛି। ବର୍ତ୍ତମାନର ୧,୭୨୩ଟି ବୁଥ୍ ସଂଖ୍ୟାରେ ୧୯୨ଟି ନୂଆ ବୁଥ୍ ଯୋଗ କରାଯାଇ ମୋଟ ସଂଖ୍ୟା ୧,୯୧୫ କୁ ବୃଦ୍ଧି କରାଯାଇଛି। ଜିଲ୍ଲାର ସମସ୍ତ ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ନୂଆ ବୁଥ୍ ଯୋଗ କରାଯାଇଛି, ସେଗୁଡିକ ହେଉଛି ଚମ୍ପୁଆ: ପୂର୍ବରୁ ୨୫୫ ଥିଲା, ଏବେ ୪୮ଟି ନୂଆ ବୁଥ୍ ମିଶି ମୋଟ ୩୦୩ ହୋଇଛି। ତେଲକୋଇ: ପୂର୍ବରୁ ୩୨୧ ଥିଲା, ଏବେ ୪୩ଟି ନୂଆ ବୁଥ୍ ମିଶି ମୋଟ ୩୬୪ ହୋଇଛି। ଘସିପୁରା: ପୂର୍ବରୁ ୩୦୦ ଥିଲା, ଏବେ ୨୯ଟି ନୂଆ ବୁଥ୍ ମିଶି ମୋଟ ୩୨୯ ହୋଇଛି। କେନ୍ଦୁଝର: ପୂର୍ବରୁ ୨୮୩ ଥିଲା, ଏବେ ୨୬ଟି ନୂଆ ବୁଥ୍ ମିଶି ମୋଟ ୩୦୯ ହୋଇଛି। ଆନନ୍ଦପୁର: ପୂର୍ବରୁ ୨୯୧ ଥିଲା, ଏବେ ୨୪ଟି ନୂଆ ବୁଥ୍ ମିଶି ମୋଟ ୩୧୫ ହୋଇଛି। ପାଟଣା: ପୂର୍ବରୁ ୨୭୩ ଥିଲା, ଏବେ ୨୨ଟି ନୂଆ ବୁଥ୍ ମିଶି ମୋଟ ୨୯୫ ହୋଇଛି। ଜିଲ୍ଲାରେ ଭୋଟର ତାଲିକାକୁ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ବୁଲି କରାଯାଇଥିବା ସର୍ଭେ ପରେ, ମୋଟ ୬୪,୩୯୮ ଜଣ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦେବା ପାଇଁ ଚିହ୍ନଟ କରାଯାଇଛି। ବିଭିନ୍ନ କାରଣରୁ ଏହି ନାମଗୁଡ଼ିକୁ ବାଦ୍ ଦିଆଯାଉଛି, ଯେପରି ସର୍ବାଧିକ ୩୧,୨୧୧ ଜଣଙ୍କ ନାମ ମୃତ୍ୟୁବରଣ କରିଥିବା କାରଣରୁ ବାଦ୍ ପଡ଼ିବ। ସେହିପରି ୨୩,୩୮୩ ଜଣ ବ୍ୟକ୍ତି ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଯାଇଥିବାରୁ ତାଙ୍କ ନାମ ତାଲିକାରୁ କଟାଯିବ। ଅନ୍ୟପକ୍ଷରେ, ୫,୨୮୮ ଜଣଙ୍କର ନାମ ଦୁଇଥର ତାଲିକାଭୁକ୍ତ ହୋଇଥିବା ଜଣାପଡ଼ିଥିବା ବେଳେ ୪,୨୬୮ ଜଣ ବ୍ୟକ୍ତି ଅନୁପସ୍ଥିତ ରହିଛନ୍ତି। ଏହା ବ୍ୟତୀତ ଅନ୍ୟାନ୍ୟ କାରଣରୁ ଆଉ ୨୪୮ ଜଣଙ୍କ ନାମକୁ ବାଦ୍ ଦେବା ପାଇଁ ଚିହ୍ନଟ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚିତ କାର୍ଯ୍ୟକ୍ରମ ଗୁଡିକ ତାରିଖ ଜୁଲାଇ ୫, ୨୦୨୬: ପ୍ରାଥମିକ ଭୋଟର ତାଲିକା ପ୍ରକାଶନ, ଜୁଲାଇ ୫ - ଅଗଷ୍ଟ ୪, ୨୦୨୬: ଦାବି ଓ ଆପତି ଅଭିଯୋଗ ଦାଖଲ, ସେପଟ୍ଟେମ୍ବର ୬, ୨୦୨୬: ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ଧାର୍ଯ୍ୟ କରାଯାଇଛି। ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳକୁ ସେମାନଙ୍କର ବୁଥ୍ ସ୍ତରୀୟ ଏଜେଂଟ ନିଯୁକ୍ତ କରିବାକୁ ପରାମର୍ଶ ଦେଇଛନ୍ତି, ଯାହାଦ୍ୱାରା ଚୂଡ଼ାନ୍ତ ଭୋଟର ତାଲିକାରେ କୌଣସି ତ୍ରୁଟି ରହିବ ନାହିଁ। ଏଥିସହିତ, ଜନସାଧାରଣ ନିଜର ନାମ ଯାଚଂ କରିବା ଏବଂ କୌଣସି ଅସଙ୍ଗତି ପରିଲକ୍ଷିତ ହେଲେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଭିଯୋଗ ଦାଖଲ କରିବାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଏହି ବୈଠକରେ (ସାଧାରଣ) ଶ୍ରୀ ମନ୍ଦରଧର ମହାଲିକ,ନିର୍ବାଚନ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ଶ୍ରୀମତି ଅରୁଣିମା ସାହୁ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସଂଜୀବର ମହାନତା



କେନ୍ଦୁଝର,୨/୭(ନି/ପ୍ର): କେନ୍ଦୁଝର ପୁରୁଣା ସହର ବାସିନ୍ଦା ତଥା ମାଇନିଂ ରୋଡ଼ 'ଏକ୍ସପ୍ରେସମୋବାଇଲ' ର ସତ୍ୱାଧୀକାରୀ ସଂଜୀବ ରାମ ଜଣେ ଯୁବଉଦ୍ୟୋଗୀ ହେବା ସହିତ ଜଣେ ଉତମ ହୃଦୟର ଅଧିକାରୀ,ପିଲାଟି ଦିନରୁ ଅଭାବ ଅନାଟନ କଣ ଜାଣିଥିବା ଏହି ନବଯୁବକ ଅନେକ ସଂଘର୍ଷ କରି ଆଜି ଉନ୍ନତି ର ସୋପାନ ଦିଗକୁ ଅଗ୍ରସର ହେଉଛନ୍ତି, କିନ୍ତୁ କେବେ ବି ଭୁଲି ନାହାନ୍ତି ଭୋକର ଦାଉ, ଯେଉଁଠି ଅତି ଦରିଦ୍ର ଟିଏ କିମ୍ବା ଭୋକିଲା ଟିଏ ଦେଖନ୍ତି କି ନଜର ପଡ଼ିଯାଏ ସଙ୍ଗେ ସଙ୍ଗେ ଦୌଡ଼ି ଯାନ୍ତି ଆଉ ନିରୀକ୍ଷଣ କରି ଦେଖନ୍ତି କଣ ଦରକାର, ପୋଷାକ, ଖାଦ୍ୟ, ପାଣି ସଙ୍ଗେ ସଙ୍ଗେ ଯୋଗାଡ଼ କରି ଦିଅନ୍ତି, ଆଜି ସହର ଥାନା ଛକ ରେ ମସ୍ତିଷ୍କବିକୃତ ଯୁବକ ଟିଏ ଅଳିଆଗଦା ରେ ବସି ଖାଦ୍ୟ ଅନ୍ୱେଷଣ କରୁଥିବା ବେଳେ ନଜର ପଡିଗଲା ସଂଜୀବଙ୍କର, ଘରକୁ ଖାଇବାକୁ ଯିବା ବନ୍ଦ କରି ସଙ୍ଗେ ସଙ୍ଗେ ବାଇକ ରଖି ଯୁବକ ଟିକୁ ହାତ ଧରି ଉଠାଇ ଆଣି କିଛି ପଚାରି ବୁଝି ତାକୁ ପାଖରେ ଥିବା ଏକ ହୋଟେଲ ବାରଣ୍ଡା ରେ ବସାଇ ହୋଟେଲ ରୁ ନିଜେ ପଇସା ଦେଇ ଖାଦ୍ୟ, ପାଣି କିଣି ଆଣି ଦେବା ସହିତ ନିଜେ ଶେଷ ଯାଏଁ ଛିଡା ରହି ତଦାରଖ କରିଥିଲେ, ଯୁବକଟି ଖାଇସାରିବା ପରେ ଯାଇ ସଂଜୀବ ଫେରିଥିଲେ ଘରକୁ, ସଂଜୀବ ଙ୍କ ଏପ୍ରକାର ମହାନତା କାର୍ଯ୍ୟ ପ୍ରଶଂସିତ ହେବା ସହିତ ଅନ୍ୟ ଯୁବକ ମାନଙ୍କୁ ସମାଜ ସେବା ପାଇଁ ପ୍ରେରିତ କରୁଥିବାର ଲକ୍ଷ୍ୟ କରାଯାଏ ସହର ରେ।

# ଚମ୍ପୁଆ ଏନଏସିରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା :

## ନେହେରୁ ଷ୍ଟାଡିଅମ ପାଲଟିଛି ଅଳିଆ ଗଦା ଓ ମଦୁଆଙ୍କ ଆଡ୍ଡାସ୍ଥଳୀ

ଚମ୍ପୁଆ,୨/୭(ନି/ପ୍ର):ଚମ୍ପୁଆ ଏନଏସି ଅଂଚଳରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ବିଶେଷ କରି ସ୍ଥାନୀୟ ପ୍ରସିଦ୍ଧ ନେହେରୁ ଷ୍ଟାଡିଅମର ଅବସ୍ଥା ଏବେ ଶୋଚନୀୟ। ଷ୍ଟାଡିଅମ ପରିସରରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦା ହୋଇ ରହିଥିଲେ ମଧ୍ୟ ଏନଏସି କର୍ତ୍ତୃପକ୍ଷ ଏଥିପ୍ରତି ସମ୍ପୂର୍ଣ୍ଣ ନିଷ୍କ୍ରିୟ ରହିଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କେବଳ କୌଣସି ସରକାରୀ କାର?ୟକ୍ରମ ବା ମହୋତ୍ସବ ସମୟରେ ହିଁ ଏହି ଷ୍ଟାଡିଅମକୁ ସଫା କରାଯାଇଥାଏ। ସେହି ସମୟରେ ବିଭାଗୀୟ ଅଧିକାରୀମାନେ ସଫେଇ କରୁଥିବାର ଫଟୋ ଉଠାଇ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ବାହାବା ନେଇଥାନ୍ତି। ମାତ୍ର କାର୍ଯ୍ୟକ୍ରମ ଶେଷ ହେବା ପରେ ପୁଣି ସ୍ଥିତି ଯେଉଁ ଅବସ୍ଥାକୁ ସେହି ଅବସ୍ଥାକୁ ଫେରିଆସେ। ଦୀର୍ଘ ଦିନ ଧରି ଆବର୍ଜନା ସଫା କରାଯାଉ ନଥିବାରୁ ସେଠାରେ ଦୁର୍ଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଷ୍ଟାଡିଅମ ପ୍ରତି ଏନଏସି କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଏହା ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସନ୍ଧ୍ୟା ହେବା ମାତ୍ରେ ଷ୍ଟାଡିଅମ ଭିତରେ ମଦୁଆଙ୍କ ପ୍ରାଦୁର୍ଭାବ ବଢୁଛି। ପଡିଆର ବିଭିନ୍ନ ସ୍ଥାନରେ ବିଅର ଓ ମଦ ବୋତଲ ସବୁ ଭାଙ୍ଗି ଗଡୁଥିବା ଦେଖିବାକୁ ମିଳୁଛି। ଏହି ପଡିଆକୁ ଦୈନିକ ଶତାଧିକ ସ୍ଥାନୀୟ ଖେଳାଳି, ଛାତ୍ରଛାତ୍ରୀ ଖେଳକୁଦ ପାଇଁ ଏବଂ ବରିଷ୍ଠ ନାଗରିକମାନେ ପ୍ରାତଃ ଓ ସନ୍ଧ୍ୟା ଭ୍ରମଣ ପାଇଁ ଆସିଥାନ୍ତି। ପଡିଆ ସାରା କାଚ ବୋତଲ ଏବଂ ଅଳିଆ ପଡି ରହିଥିବାରୁ ସେମାନେ ଦୁର୍ଘଟଣାର ସମ୍ମୂର୍ଣ୍ଣ ସମ୍ମୁଖୀନ ହେଉଛନ୍ତି। ଫଳରେ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଉଛି। ଏନଏସି ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଷ୍ଟାଡିଅମର ସଫେଇ ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଅଂଚଳବାସୀ ଦାବି କରିଛନ୍ତି।

# ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲାରେ ପୁଲିସ ଫୋର୍ସଙ୍କ ଯୋଗଦାନ, ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରା ପୁଲିସ ଫୋର୍ସକୁ ସ୍ୱାଗତ

ରାଇରଙ୍ଗପୁର,୨/୭(ନି/ପ୍ର): ରାଇରଙ୍ଗପୁରରେ ନୂତନ ପୁଲିସ ଜିଲ୍ଲା ପାଇଁ ଗତ ୧୯ ତାରିଖରେ ମହାମହିମ ରାଷ୍ଟ୍ରପତିଙ୍କ କରକମଳରେ ଆରକ୍ଷୀ ଅଧିକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଗୃହ ଉଦଘାଟିତ ହେବାପରେ ଇତିମଧ୍ୟରେ ଜିଲ୍ଲାରେ ପ୍ରଥମ ଆରକ୍ଷୀ ଅଧିକ୍ଷକ ଭାବେ ସୁରେଶ ଚନ୍ଦ୍ର ପାତ୍ର ଯୋଗଦାନ କରିଛନ୍ତି। ନୂତନ ପୁଲିସ ଜିଲ୍ଲାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଆଜି ପ୍ରଥମ ପର୍ଯ୍ୟାୟରେ ୧୦୦ ଜଣିଆ ପୋଲିସ ଫୋର୍ସ ଏଠାରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହି ଉପଲକ୍ଷେ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଅଧ୍ୟକ୍ଷତାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯଦୁନାଥ ଜେନା, ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର ସେନାପତି, ଆର.ଆଇ. ଲକ୍ଷ୍ମୀ ରଞ୍ଜନ, ସବଇନିସପେକ୍ଟର ରଞ୍ଜନ ସେଠୀ, କାର୍ଯ୍ୟାଳୟର ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ, କର୍ମଚାରୀଙ୍କ ସମେତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ପୁଲିସ ଫୋର୍ସକୁ ସ୍ୱାଗତ କରିବା ଅବସରରେ ଆରକ୍ଷୀ ଅଧିକ୍ଷକ କହିଥିଲେ ଯେ, ଆଜିର ଦିନ ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲାର ଇତିହାସରେ ଏକ ସ୍ୱର୍ଣ୍ଣିମ ଓ ସ୍ମରଣୀୟ ଅଧ୍ୟାୟ ହୋଇ ରହିବ। ଏହି ନୂତନ ପୁଲିସ ଜିଲ୍ଲାରେ ପୁଲିସ ଫୋର୍ସର ଆଗମନ କେବଳ ଜଣେ କର୍ମଚାରୀଙ୍କ ଯୋଗଦାନ ନୁହେଁ, ବରଂ ଆଇନର ଶାସନକୁ ସୁଦୃଢ଼ କରିବା, ଜନସାଧାରଣଙ୍କୁ ଉତମ ସେବା ପ୍ରଦାନ କରିବା ଏବଂ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷାକୁ ଆହୁରି ମଜବୁତ କରିବା ଦିଗରେ ଏକ ନୂତନ ପଦକ୍ଷେପ। ଜିଲ୍ଲାରେ ନୂତନ ଭାବେ ଯୋଗଦେଇଥିବା ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସେ ପୁଷ୍ପ ଗୁଚ୍ଛ ଦେଇ ପୁଲିସ ଜିଲ୍ଲା ପକ୍ଷରୁ ହାର୍ଦ୍ଦିକ ସ୍ୱାଗତ ଜଣାଇଥିଲେ। ଅଧିକାରୀ ଓ କର୍ମଚାରୀମାନଙ୍କୁ ମାର୍ଗଦର୍ଶନ ଦେବା ସହିତ ଉତ୍ସାହିତ କରିବା ଉଦ୍ଦେଶ୍ୟରେ କହିଥିଲେ ଆପଣମାନଙ୍କର ଅନୁଭବ, ଦକ୍ଷତା, ନିଷ୍ଠା ଓ କର୍ତବ୍ୟପରାୟଣତା ଏହି ଜିଲ୍ଲାର ପୁଲିସ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ। ଆମର ଲକ୍ଷ୍ୟ କେବଳ ଅପରାଧ ନିୟନ୍ତ୍ରଣ ନୁହେଁ, ବରଂ ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା, ସମ୍ବେଦନଶୀଳତା ସହିତ ସେବା ପ୍ରଦାନ କରିବା ଏବଂ ଜନସାଧାରଣଙ୍କ ସହ ସୁଦୃଢ଼ ସମ୍ପର୍କ ଗଢ଼ି ତୋଳିବା। ଆମେ ସମସ୍ତେ ଏକ ଟିମ୍ ଭାବେ କାର୍ଯ୍ୟ କରି ଏହି ନୂତନ ପୁଲିସ ଜିଲ୍ଲାକୁ ରାଜ୍ୟର ଏକ ଆଦର୍ଶ ପୁଲିସ ଜିଲ୍ଲାରେ ପରିଣତ କରିବା ପାଇଁ ସଂକଳ୍ପବଦ୍ଧ ହେବା ପାଇଁ ଆହ୍ୱାନ ଜଣାଇଥିଲେ। ସମସ୍ତଙ୍କ ସହଯୋଗ, ଶୃଙ୍ଖଳା, ସତ୍ୟନିଷ୍ଠା ଏବଂ ଉତ୍ସର୍ଗୀକୃତ ସେବା ଆମର ସଫଳତାର ମୂଳ ଆଧାର ହେବ ଏବଂ ସମସ୍ତଙ୍କ ମିଳିତ ପ୍ରୟାସରେ ଜିଲ୍ଲାରେ ଏକ ସୁରକ୍ଷିତ, ଅପରାଧମୁକ୍ତ ଓ ଅଂଚଳବାସୀଙ୍କ ପାଇଁ ଏକ ଜନବନ୍ଧବ ପୁଲିସ ବ୍ୟବସ୍ଥା ଗଢ଼ି ତୋଳିବା ଆମର ପ୍ରତିବଦ୍ଧତା ରହିବ। ଶେଷରେ ଆରକ୍ଷୀ ଅଧିକ୍ଷକ ଓ ଅଧିକାରୀବୃନ୍ଦ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସେମାନଙ୍କ ଉପସ୍ଥିତି ପାଇଁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ।

## ଚମ୍ପୁଆ ଶିଶୁ ମନ୍ଦିର ଆଚାର୍ଯ୍ୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଚମ୍ପୁଆ, ୨/୭(ନି/ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ସଂସ୍କୃତ ଆଚାର୍ଯ୍ୟ କପିଳେନ୍ଦ୍ର ସାମନ୍ତରାଙ୍କ ଅବସର କାଳିନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ଅତିଥି ଭାବେ ଶିକ୍ଷା ବିକାଶ ସମିତି ଉତରସମ୍ଭାଗ ସମ୍ପାଦକ ଗଙ୍ଗାଧର କର, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର, ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାଏକ ଆଦି ଯୋଗ ଦେଇଥିଲେ।

# ଚମ୍ପୁଆ ବ୍ଲକ ବାଲିପଶି ଗାଁରେ ହାତୀ ଆତଙ୍କ



ଚମ୍ପୁଆ,୨/୭(ନି/ପ୍ର): ଚମ୍ପୁଆ ବ୍ଲକ ବାଲିପଶି ଗାଁରେ ହାତୀ ପଲଙ୍କ ଆତଙ୍କ ଦେଖିବାକୁ ମିଳିଛି। ହାତୀ ପଲ ଗାଁ ରେ ଗୋଟିଏ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇଦେଇଥିଲେ। ଗତରାତି ୩୫ ଟିକିଆ ହାତୀପଲ ଉଖୁଣ୍ଡା ସେକ୍ସନ ର ଝାଲିଆବେଡା ଜଙ୍ଗଲରୁ ବାହାରି ମାଳିପଶି, ପଡୁଆ, ରାଉତରାପୁର ଗ୍ରାମ ମଧ୍ୟ ଦେଇ ବାଲି ପଶି ଗାଁ ରେ ପଶିଥିଲେ। ମଧ୍ୟରାତିରେ ଗାଁର ଲାଲମୋହନ ମୁଣ୍ଡାଙ୍କ ଘର ଭାଙ୍ଗି ଦେଇ ସେ ଭିତରୁ ଧାନ ଚାଉଳ ଖାଇ ଯାଇଛନ୍ତି। ଗ୍ରାମବାସୀ ଏକତ୍ରିତ ହୋଇ ହାତୀ ପଲଙ୍କୁ ଘଉଡାଇଥିଲେ। ସେଠାରୁ ଫେରି ହାତୀ ପଲ ପଡୁଆ ଗ୍ରାମରେ ଜଣକ ଘର ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ତେବେ ବନ ବିଭାଗ ଓ ଗ୍ରାମବାସୀ ହାତୀ ଙ୍କୁ ଘଉଡେଇବାରୁ ଘର ଭାଙ୍ଗି ପାରିନଥିଲେ। ହାତୀ ପଲ ଘରର କବାଟ ଭାଙ୍ଗି ଦେଇଥିଲେ। ରାତିସାରା ପଡୁଆ,ବାଲିପଶି ଗାଁ ରେ ବ୍ୟାପକ କ୍ଷୟକ୍ଷତି କରିଥିବା ଜଣାପଡିଛି। ଆଜି ସକାଳୁ ହାତୀ ପଲ ଦୁଇ ଭାଗରେ ବିଭକ୍ତ ହୋଇ ଯାଇଛନ୍ତି। ଗୋଟିଏ ଭାଗରେ ୩୧ ଟି ହାତୀ ଥିବା ବେଳେ ସେମାନେ ବରପଦା ଜଙ୍ଗଲକୁ ଚାଲିଯାଇଛନ୍ତି। ଅନ୍ୟ ତିନୋଟି ହାତୀ ଜାଲି ଜଙ୍ଗଲରେ ଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହାତୀ ପଲଙ୍କ ଗତିବିଧି ଉପରେ ବନ ବିଭାଗ ତୀକ୍ଷଣ ନଜର ରଖିଛି।

# ଡମ୍ପିଂୟାର୍ଡ ପାଇଁ ସହରବାସୀ ଓ ଛାତ୍ରଛାତ୍ରୀ ହଟହଟା

ଜୟପୁର,୨/୭(ନି/ପ୍ର): ଜୟପୁର ପୌରପାଳିକା ଡମ୍ପିଂୟାର୍ଡକୁ ନେଇ ଦେଖାଯାଉଛି ସମସ୍ୟା। ଜୟପୁର ସହର ନିକଟ ମକାପୁଟ ଠାରେ ୬ ଏକର ଜମିରେ ହୋଇଛି ଡମ୍ପି ୟାର୍ଡ଼। ମକାପୁଟ ବାଳିକା ସେବାଶ୍ରମର ୫୦ ମିଟର ଦୂରରେ ଆବର୍ଜନା ଗଦା ହେଉଥିବାରୁ ଦୁର୍ଗନ୍ଧରେ ରହିପାରୁ ନାହାନ୍ତି ବାଳିକା ସେବାଶ୍ରମର ଛାତ୍ରୀ। ଏଠାରେ ପାଠ ପଢୁଛନ୍ତି ୨୫୦ ଛାତ୍ରୀ। ଆବର୍ଜନା ଯୋଗୁଁ ସଂକ୍ରମଣ ହେବା ଆଶଂକା ଦେଖାଦେଇଛି। ସହର ସଫେଇ ଦାୟିତ୍ୱ ନେଇଥିବା ସଂସ୍ଥା ଗ୍ରୀନ୍ ଟ୍ରିବ୍ୟୁନାଲ୍‌ଙ୍କ ନିର୍ଦ୍ଦେଶକୁ ମାନୁ ନଥିବା ଅଭିଯୋଗ ହୋଇଛି। ନୂତନ ଜାତୀୟ ରାଜପଥ ଆଡକୁ ମାଡି ଆସୁଛି କୂଢକୂଢ ଅଳିଆ। ବର୍ତ୍ତମାନ ଏହି ଡମ୍ପିଂୟାର୍ଡର ଅଳିଆ ଦୁର୍ଗନ୍ଧରେ ନାକେଦମ ନିକଟରେ ଥିବା ମକାପୁଟ ସେବାଶ୍ରମର ଛାତ୍ରଛାତ୍ରୀ। ସହରର ସମସ୍ତ ଅଳିଆକୁ ଏଠାରେ ପକାଇ ସେଥିରୁ ଜୈବିକ ଖତ ପ୍ରସ୍ତୁତ କରିବା ପାଇଁ କରାଯାଇଥିଲା ଏହି ମୋ ଖତ ପ୍ରସ୍ତୁତି କେନ୍ଦ୍ର। ସବୁଠାରୁ ବଡକଥା ଖତ କେନ୍ଦ୍ରରେ ଖତ ପ୍ରସ୍ତୁତ ତ ହେଲା ସତ ହେଲେ ସେଠାରୁ ବାହାରୁଥିବା ଦୁର୍ଗନ୍ଧରେ ଏବେ ବେହାଲ ନିକଟସ୍ଥ ସ୍କୁଲ ର ଛାତ୍ର ଛାତ୍ରୀଙ୍କ ସମେତ ବସବାସ କରୁଥିବା ସହର ବାସୀ। ବର୍ତମାନ ଗୃହପାଳିତ ପଶୁ ବି ସେହି ଭିତରକୁ ଯାଇ ପଚାଶଢା ଖାଦ୍ୟ ଖାଉଛନ୍ତି ଯାହା ବର୍ତ୍ତମାନ ସେମାନଙ୍କ ଜୀବନକୁ ବିପଦରେ ପକାଇଛି। ତା' ସହିତ ମୋ ଖତ ପ୍ରସ୍ତୁତି କେନ୍ଦ୍ରରେ ଚିତବିନୋଦନ ପାଇଁ ଏକ ପାର୍କ ବି କରାଯାଇଛି କିନ୍ତୁ ଏଠି ପ୍ରଶ୍ନ ଉଠୁଛି ଦୁର୍ଗନ୍ଧ ଲାଗି ଯେଉଁଠି ଲୋକମାନେ ଏକ ମିନଟ ବି ଠିଆ ହୋଇ ପାରୁ ନାହାନ୍ତି ସେଠାରେ ପାର୍କ ର ପରି କଳ୍ପନା କାହା ସ୍ୱାର୍ଥରେ। ବର୍ତମାନ ସ୍ଥାନୀୟ ବାସିନ୍ଦା ମାନେ ଦାବି କରିଛନ୍ତି କି ଆଗାମୀ ଦିନରେ ଏହି ମୋ ଖତ କେନ୍ଦ୍ରକୁ ତୁରନ୍ତ ସେଠାରୁ ସ୍ଥାନାନ୍ତରିତ କରି ସହର ଓ ଜନ ବସତି ଠାରୁ ଦୂରରେ କରାଯାଉ। ଅନ୍ୟପଟେ ଏହି ସମସ୍ୟାକୁ ନେଇ ହଟହଟା ହେଉଛନ୍ତି ପାଖକୁ ଲାଗି ରହିଥିବା ସେବାଶ୍ରମ ବିଦ୍ୟାଳୟର ପ୍ରାୟ ୨୫୦ରୁ ଅଧିକା ଛାତ୍ରଛାତ୍ରୀ। ଏହି ଘଟଣାକୁ ନେଇ ପୌର ଅଧ୍ୟକ୍ଷଙ୍କୁ ପଚାରିବାରୁ ସେ କହିଛନ୍ତି ପୂର୍ବରୁ ଡମ୍ପଙ୍ଗ ୱାର୍ଡ ପାଇଁ ୬ ଏକର ଜମି ରହିଥିବା ବେଳେ ଜାତୀୟ ରାଜପଥ ଯିବାରୁ ବର୍ତମାନ ତାହା କମି ଯାଇ ୪ ଏକରରେ ପହଂଚିଛି। ବର୍ତମାନ ନୂତନ ସ୍ଥାନ ପାଇଁ ପ୍ରଶାସନିକ ସ୍ତରରେ ଚାଲିଛି ମୋ ଖତକେନ୍ଦ୍ର ପାଇଁ ସ୍ଥାନ ନିରୂପଣ ପ୍ରକ୍ରିୟା ଓ ଅତି ଶୀଘ୍ର ଏହାକୁ ନୂଆ ସ୍ଥାନରେ ନିର୍ମାଣ କରାଯିବ। ତା' ସହିତ ସ୍ଥାନୀୟ ବାସିନ୍ଦା ମାନେ ଗାଈ ଗୋରୁଙ୍କୁ ଖୋଲାରେ ଛାଡିବା ଦ୍ୱାରା ଦୁର୍ଘଟଣା ବି ହେଉଛି ଓ ପଶୁ ଜନ୍ତୁ ମାନେ ବାହାର ପଲଥିନ ବି ଖାଉଛନ୍ତି ଯାହା ଫଳରେ ବିପଦ ହେଉଛି। ବର୍ତମାନ ଡମ୍ପିଂୟାର୍ଡ ଚାରିପାଖେ କାମଚଳା ବାଉଣ୍ଡରି କରିବାକୁ ଯୋଜନା ଓ ତା' ସହିତ ଯେଉଁ ମଇଳା ରାସ୍ତାକୁ ଆସୁଥିଲା ବର୍ତମାନ ତାହା ଆଉ ରାସ୍ତାକୁ ନ ଆସିବା ପାଇଁ ଜେସିବି ଲଗାଯାଇଛି। ତେଣୁ ପୌର ପ୍ରଶାସନ ତୁରନ୍ତ ଡମ୍ପିୟାର୍ଡକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହୋଇଛି।

# ଅନୁଗୋଳରେ ଉଦଘାଟିତ ହେଲା ଆଧାର ସେବାକେନ୍ଦ୍ର



ଅନୁଗୋଳ,୨/୭(ନି/ପ୍ର): ଜିଲ୍ଲାରେ ଆଧାର ସଂଶୋଧନ ଓ ନୂତନ ପଞ୍ଜୀକରଣକୁ ନେଇ ଲୋକମାନେ ଭୋଗୁଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଟଓଉଇଓ ର ସହଯୋଗରେ ଈଖଝ ଇ[ରନ୍ୟାସନାଲ ସଂସ୍ଥା ପକ୍ଷରୁ ଅନୁଗୋଳରେ ଏକ ଆଧାର ସେବା କେନ୍ଦ୍ର ସ୍ଥାପିତ ହୋଇଯାଇଛି। ଅନୁଗୋଳର କାଲଟେକ୍ସ ଛକ ନିକଟରେ ଥିବା କ୍ରେସେଟଂ କନଭେନସନର ଗ୍ରାଉଣ୍ଡ ଫ୍ଲୋର ବିଲ୍ଡିଂ କମ୍ପ୍ଲେକ୍ସଠାରେ ପ୍ରଥମ ଥର ପାଇଁ ଏହି ଅତ୍ୟାଧୁନିକ ଆଧାର ସେବା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଅନୁଗୋଳର ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଏପର୍ଯ୍ୟନ୍ତ ନୂତନ ଆଧାର ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ବାୟୋମେଟ୍ରିକ ଅପଡେଟ୍ ଭଳି ଜରୁରୀ ସେବା ପାଇଁ ଅନୁଗୋଳବାସୀଙ୍କୁ ଭୁବନେଶ୍ୱର ଯିବାକୁ ପଡୁଥିଲା। ଏବେ ସେହି ସବୁ ସୁବିଧା ସ୍ଥାନୀୟ ସ୍ତରରେ ହିଁ ଉପଲବ୍ଧ ହେବ। ଏହି ଆଧାର କେନ୍ଦ୍ରଟି ସପ୍ତାହର ସମସ୍ତ ୭ ଦିନ ଖୋଲା ରହିବ। ଏହି ଅବସରରେ ମାନ୍ୟବର ବିଧାୟକ ଏଭଳି ଏକ ଜନହିତକର ପଦକ୍ଷେପ ପାଇଁ ଟଓଉଇଓ ଏବଂ ଈଖଝ ଇଟଂରନ୍ୟାସନାଲ ସଂସ୍ଥାକୁ ଧନ୍ୟବାଦ ଜଣାଇଛନ୍ତି।

# ଜୟପୁର ପ୍ରାଇଡ୍ ଇଂଟରାକ୍ଟ କ୍ଲବର ଉଦ୍‌ଘାଟନୀ ସମାରୋହ

ଜୟପୁର,୨/୭(ନି/ପ୍ର): ନାରାୟଣୀ ଇଂଲିଶ ମିଡିୟମ ସ୍କୁଲ, ଜୟପୁର ପରିସରରେ ଆଜି ଏକ ନୂତନ ଆନ୍ତର୍ଜାତୀୟ ସେବା ସଂଗଠନ ଇଂଟରାକ୍ଟ କ୍ଲବ ଅଫ୍ ନାରାୟଣୀ ଇଂଲିଶ ମିଡିୟମ ସ୍କୁଲର ଶୁଭ ଉଦ୍ଘାଟନ ହୋଇଥିଲା। ୧୨ ରୁ ୧୮ ବର୍ଷ ବୟସର ୨୪ ଜଣ ଛାତ୍ରଛାତ୍ରୀଙ୍କୁ ନେଇ କ୍ଲବଟି ଏହାର କାର୍ଯ୍ୟକଳାପ ଆରମ୍ଭ କରିଛି। ଏହି ଇଂଟରାକ୍ଟ କ୍ଲବକୁ ରୋଟାରୀ କ୍ଲବ ଅଫ୍ ଜୟପୁର ପ୍ରାଇଡ୍ ପକ୍ଷରୁ ପ୍ରଯୋଜିତ କରାଯାଇଛି। ଉଦ୍ଘାଟନୀ ସଭାରେ ରୋଟାରୀ କ୍ଲବ ଅଫ୍ ଜୟପୁର ପ୍ରାଇଡ୍ର ସଭାପତି ରୋଟାରିଆନ୍ ସୁରେଶ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମଂଚାସୀନ ଅତିଥିମାନଙ୍କ ମଧ୍ୟରେ ରୋଟାରିଆନ୍ ଜି. ଭି. ରାଓ, ରୋଟାରିଆନ୍ ରାମନାଥ ସାହୁ, ରୋଟାରିଆନ୍ ରବି ନାରାୟଣ ନନ୍ଦ, ରୋଟାରିଆନ୍ ରାମାନୁଜ ବେହେରା ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପଟ୍ଟନାୟକ ଉପସ୍ଥିତ ଥିଲେ। ଅନୁଷ୍ଠାନ ସମୟରେ ଅତିଥିମାନେ ଇଂଟରାକ୍ଟ କ୍ଲବର ଚାର୍ଟରକୁ କ୍ଲବର ଚାର୍ଟର ସଭାପତି ଓ ଚାର୍ଟର ସମ୍ପାଦକଙ୍କ ହାତରେ ଔପଚାରିକ ଭାବରେ ପ୍ରଦାନ କରିଥିଲେ। ଏହି ସମୟରେ କ୍ଲବର ସମସ୍ତ ଚାର୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ। ସଭାକୁ ସମ୍ବୋଧିତ କରି ରୋଟାରିଆନ୍ ଜି. ଭି. ରାଓ ଓ ରୋଟାରିଆନ୍ ରାମାନୁଜ ବେହେରା ସମାଜରେ ଇଂଟରାକ୍ଟର ମାନଙ୍କର ଭୂମିକା ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ସେବା କାର୍ଯ୍ୟକ୍ରମ ଓ ନେତୃତ୍ୱମୂଳକ କାର୍ଯ୍ୟକଳାପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିଥିଲେ। ଶେଷରେ ରୋଟାରିଆନ୍ ରବି ନାରାୟଣ ନନ୍ଦ ଧନ୍ୟବାଦ ଜ୍ଞାପନ କରିଥିଲେ। ଆଜିର ଏହି ଉତ୍ସବଟିକୁ ଯୁବ ରୋଟେରିୟାନ ବିକ୍ରମ ସାହୁ ମଂଚ ପରିଚାଳନା କରିଥିଲେ। ଏହି ଅବସରରେ ରୋଟାରୀ କ୍ଲବ ଅଫ୍ ଜୟପୁର ପ୍ରାଇଡ୍ ର ସଦସ୍ୟମାନଙ୍କ ମଧ୍ୟରୁ ରତ୍ନାକର ଚୌଧୁରୀ, ବିକ୍ରମ ସାହୁ, ସଞ୍ଜୀବ ମିଶ୍ର ଏବଂ କାଳୁରାମ ପଣ୍ଡା ଉପସ୍ଥିତ ଥିଲେ।

# ତୁକୁଡ଼ା କାଳୀ ମନ୍ଦିରରୁ ଲୁଟ୍ କଲେ ଦୁର୍ବୃତ
## ସିସିଟିଭିରେ ଭିଡିଓ କଏଦ



ଅନୁଗୋଳ,୨/୭(ନି/ପ୍ର): ଅନୁଗୋଳ ଜିଲ୍ଲା ଜରପଡ଼ା ତୁକୁଡା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା କାଳୀଙ୍କ ମନ୍ଦିରରୁ ୨ଟି ହୁଣ୍ଡିଭାଙ୍ଗି ଲୁଟ କରିଛନ୍ତି ଦୁର୍ବୃତ। ମନ୍ଦିରକୁ ପୂଜାରୀ ସଫା କରିବାକୁ ଆସିଥିବା ବେଳେ ହୁଣ୍ଡି ଖୋଲା ଥିବା ଦେଖିବାକୁ ପାଇଥିଲେ। ମନ୍ଦିର ଭିତରେ ଓ ବାହାରେ ଥିବା ହୁଣ୍ଡିକୁ ଜଣେ ଦୁର୍ବୃତ ଭାଙ୍ଗି ଟଙ୍କା ଓ ସୁନା ଲୁଟ୍ କରି ନେଇଛନ୍ତି। ଏହାର ଭିଡିଓ ସିସିଟିଭି ଭିଡିଓରେ କଏଦ ହୋଇଛି। ଏକମାସ ହେଲା ମନ୍ଦିର ହୁଣ୍ଡିଖୋଲା ଯାଇନଥିବା ବେଳେ ୩୦ ହଜାରରୁ ଅଧିକ ଟଙ୍କା ଥିବା ଗ୍ରାମବାସୀଙ୍କ ପକ୍ଷରୁ ଜଣାପଡିଛି। ଏନେଇ ଉଭୟ ଗ୍ରାମବାସୀଙ୍କ ପକ୍ଷରୁ ଜରପଡ଼ା ପୁଲିସକୁ ଅଭିଯୋଗ କରାଯାଇଛି।

ଉତ୍କଳ ସମାଚାର

## ସମ୍ପାଦକୀୟ...

**ଶୁକ୍ରବାର ୩ ଜୁଲାଇ ୨୦୨୬**

# ଚାଣକ୍ୟ : ଏକ ଅନୁଶୀଳନ (୨୩)

ଚାଣକ୍ୟ ଯୁଦ୍ଧ ବିଷୟରେ ଯେତିକି ଲେଖିଛନ୍ତି, ସେ ସମସ୍ତ କଥା କେବଳ ତାଙ୍କର ଜ୍ଞାନ ପ୍ରସୂତ ନୁହେଁ। ପୂର୍ବରୁ ଏ ବିଷୟରେ ଯେଉଁମାନେ ରଣନୀତି ଲେଖିଛନ୍ତି, ସେ ସମସ୍ତଙ୍କୁ ପଢ଼ି କାହାକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିଛନ୍ତି କିମ୍ବା କାହାର ସଂଶୋଧନ କିମ୍ବା ପରିବର୍ତ୍ତନ କରିଛନ୍ତି। ଅର୍ଥଶାସ୍ତ୍ରର ପ୍ରଥମ ଶ୍ଳୋକ ହେଲା, 'ଓଁ ନମାୟ ଶୁକ୍ର ବୃହସ୍ପତାୟ।' ବୃହସ୍ପତି ଥିଲେ ଦେବତାଙ୍କ ଗୁରୁ ଓ ଶୁକ୍ର ଦୈତ୍ୟଙ୍କର ଗୁରୁ। ଅନେକେ ପଚାରି ପାରନ୍ତି, ଦୈତ୍ୟଙ୍କ ଗୁରୁଙ୍କୁ ସେ କାହିଁକି ପ୍ରଥମେ ପ୍ରଣାମ କଲେ। ଏକଥା ଚାଣକ୍ୟ ତାଙ୍କ ନୀତିଶାସ୍ତ୍ରରେ କହିଛନ୍ତି- 'ଦୁର୍ଜନଂ ପ୍ରଥମଂ ବନ୍ଦନାଂ, ସର୍ଜ୍ଜନ ତଦାନ୍ତର।' ଅର୍ଥାତ୍ ପ୍ରଥମେ ଦୁର୍ଜନଙ୍କୁ ପ୍ରଣାମ କରିବ, ପରେ ସଜ୍ଜନଙ୍କୁ। ଉଭୟ ଆମ ପାଇଁ ଆବଶ୍ୟକ। ଦୁର୍ଜନ କ୍ଷମା କରେ ନାହିଁ। କିନ୍ତୁ ସଜ୍ଜନ ସମ୍ମାନ ନପାଇଲେ ମଧ୍ୟ କଥାଟାକୁ ହାଲୁକା ଭାବେ ଗ୍ରହଣ କରିବ। ଦୁର୍ଜନର ବୁଦ୍ଧି ମଧ୍ୟ ଥାଏ। ତାକୁ ପ୍ରଣାମ କିମ୍ବା ଅର୍ଥ ଦ୍ୱାରା ତୁଷ୍ଟ କରି କଥା ଆଦାୟ କରିବାକୁ ପଡ଼ିବ। ସେଇଭଳି ସଜ୍ଜନଙ୍କୁ ସମ୍ମାନ ଦେଖାଇ ତାଙ୍କର ଆଶୀର୍ବାଦ ଓ ଉପଦେଶ ନେବାକୁ ପଡ଼ିବ। ସେଥିପାଇଁ ସେ କହିଛନ୍ତି ଯେ ଜଜ୍ (ବିଚାରକ) ଦୁଇ ପକ୍ଷକୁ ନ ଶୁଣି ନିଜ ରାୟ ଦେବା ଉଚିତ ନୁହେଁ। ବିଚାର ଘର ହେଉଛି ଆଲୋଚନା ଓ ତର୍କର ବଖରା। ବେଳେ ବେଳେ ଦେଖାଯାଏ ଯେ ଦୁର୍ଜନ ବୁଦ୍ଧିରେ ସଜ୍ଜନଠାରୁ ଆଗରେ। ସଜ୍ଜନ କେବଳ ସିଧା ରାସ୍ତାରେ ଯାଏ। ଦୁର୍ଜନ ସବୁ ରକମ (ସିଧା ଓ ବଙ୍କା) ରାସ୍ତାରେ ଯାଇ ବିଜୟ ହାସଲ କରେ। ଶୁକ୍ରାଚାର୍ଯ୍ୟଙ୍କ ପରାମର୍ଶ ନେଇ ରାକ୍ଷସମାନେ ଅନେକ ଯୁଦ୍ଧରେ ବିଜୟୀ ହୋଇଥିଲେ। ଚାଣକ୍ୟଙ୍କ ଆବିର୍ଭାବ ପୂର୍ବରୁ ପାଂଚୋଟି ବିଦ୍ୟାଳୟରେ ରଣନୀତି ଶିକ୍ଷା ପ୍ରଦାନ କରା ଯାଉଥିଲା ଯଥା-ପରାଶର, ଔଷାନ, ମାନବ,ବୃହସ୍ପତି ଓ ଅଭିୟାଣ। ଔଷାନ ଉଷ୍ଣନା ଶବ୍ଦରୁ ଆସି ଥିବାରୁ ଏହା ଶୁକ୍ରାଚାର୍ଯ୍ୟଙ୍କର ବିଦ୍ୟାଳୟ ବୋଲି ଅନେକ ଧରି ନେଇଛନ୍ତି। ସେହିପରି ବୃହସ୍ପତି ବିଦ୍ୟାଳୟ ଦେବଗୁରୁଙ୍କର ରଣନୀତି ଉପରେ ପର୍ଯ୍ୟବସିତ ହୋଇଥିଲା। ଜଣେ ଗବେଷକ ଗଣିଛନ୍ତି ଯେ ଚାଣକ୍ୟ ତାଙ୍କ ପୁସ୍ତକରେ ଶୁକ୍ରଙ୍କୁ ଅଧିକ ଥର ବର୍ଣ୍ଣନା କରିଛନ୍ତି। ସେ କେବଳ ବିଦ୍ୟାଳୟ ନୁହେଁ, ବ୍ୟକ୍ତିବିଶେଷଙ୍କର ପୋଥି କିମ୍ବା ଲୋକକଥାରୁ କିଛି ସଂଗ୍ରହ କରିଛନ୍ତି। ସେହି ମହାନ ଶିକ୍ଷକମାନେ ଥିଲେ ଭରଦ୍ୱାଜ ମୁନି, କୌନପଦାନ୍ତ, ପିଶୁନ, ବାତବ୍ୟାଧି, ବହୁଦନ୍ତୀ ପୁତ୍ର ଏବଂ ବିଶାଳାକ୍ଷ। ଏହି ରଣନୀତି ବିଶେଷଜ୍ଞମାନଙ୍କର ଶିକ୍ଷା ସହିତ ସେ ବ୍ୟାସଙ୍କ ରଚିତ ମହାଭାରତ (ପାଂ* ହଜାର ବର୍ଷ ପୁରୁଣା ଏବଂ ପ୍ରାୟ ଏକ ଲକ୍ଷ ପୃଷ୍ଠାବିଶିଷ୍ଟ ପୁସ୍ତକକୁ) ତନ୍ନତନ୍ନ ପଢ଼ିଥିଲେ। ଅଭିମନ୍ୟୁଙ୍କୁ ମାରିବା ଏକ ସୁନ୍ଦର ରଣକୌଶଳ ଥିଲା। ବହୁତ ଦକ୍ଷ ଓ କୁଶଳୀ ସେନାଙ୍କୁ ପଠାଗଲା କୁରୁକ୍ଷେତ୍ରରୁ (ଯୁଦ୍ଧଭୂମି) ହସ୍ତିନାପୁରକୁ ଏବଂ ପ୍ରଚାର କରି ଦିଆଗଲା ଯେ ପାଣ୍ଡବ ବଂଶର ସମସ୍ତଙ୍କୁ ବନ୍ଦୀ କରାଯିବ। ଏ ରଣ କୌଶଳ ପାଣ୍ଡବମାନେ ବୁଝି ପାରିଲେ ନାହିଁ। ଏପଟେ ଚକ୍ରବ୍ୟୂହ ରଚନା କରାଗଲା। ଚକ୍ରବ୍ୟୂହରେ ପ୍ରବେଶ ସହଜ। କିନ୍ତୁ ପ୍ରସ୍ଥାନ ଏକ ପ୍ରକାର ଅସମ୍ଭବ ଏବଂ ସେ ବିଦ୍ୟା କେବଳ ଅର୍ଜୁନଙ୍କୁ ଜଣା ଥିଲା। ଅଭିମନ୍ୟୁ ପ୍ରବେଶର କୌଶଳ ଜାଣିଥିଲେ, କିନ୍ତୁ ପ୍ରସ୍ଥାନ ବିଷୟରେ ଅଜ୍ଞ ଥିଲେ। ଏଇ ରଣକୌଶଳରେ ଉଭୟ ପାଣ୍ଡବ ଓ କୌରବମାନେ ଦୁଇଟି ଭୁଲ୍ କଲେ। ଚକ୍ରବ୍ୟୂହ ଅଂଚଳକୁ ଅର୍ଜୁନ ନଯାଇ ସେ ଗଲେ ହସ୍ତିନାପୁର। କୌରବମାନେ ଆଶା କରିଥିଲେ ଯେ ଯୁଧିଷ୍ଠିର ଚକ୍ରବ୍ୟୂହରେ ପ୍ରବେଶ କଲେ ତାଙ୍କୁ ବନ୍ଦୀ କରିହେବ। ବନ୍ଦୀ କରିଥିଲେ ଯୁଦ୍ଧ ସମାପ୍ତ ହୋଇଥାନ୍ତା ଏବଂ ପାଣ୍ଡବମାନେ ପରାଜିତ ହେବେ ବୋଲି ଘୋଷଣା କରା ଯାଇଥାନ୍ତା। କିନ୍ତୁ କୌରବମାନେ ବିଛାଇ ଥିବା ଜାଲରେ ଅଭିମନ୍ୟୁ ପଡ଼ିଗଲେ ଓ ହସ୍ତିନାପୁର ତଥା ଇନ୍ଦ୍ରପ୍ରସ୍ଥକୁ ଆକ୍ରମଣ କରିବାକୁ ଯାଇଥିବା ଅର୍ଜୁନ ସପ୍ତ ବାହିନୀକୁ ପରାସ୍ତ କରି ଫେରି ଆସିଲା ବେଳକୁ ଅଭିମନ୍ୟୁଙ୍କ ବଧ ହୋଇ ସାରିଲାଣି। ଏଥିରୁ ଜଣାପଡ଼େ ଯେ ଶତ୍ରୁ ପକ୍ଷର ଗୋଟିଏ ଅଂଶକୁ ପ୍ରତାରଣା କରି ଯୁଦ୍ଧଭୂମିର ବାହାରକୁ ପଠାଇବାକୁ ବାଧ୍ୟ କରି ମୂଳ ଯୁଦ୍ଧଭୂମିର ସୈନ୍ୟବାହିନୀଙ୍କୁ ପରାସ୍ତ କରିବା କଥା। ତାହା କରିହେବ। ଯେଉଁ ମୁନି ତଥା ଶିକ୍ଷକମାନେ ଅନ୍ୟାନ୍ୟ ବିଷୟ ସହିତ ଯୁଦ୍ଧକଳା ବା ରଣନୀତି ଶିଖାଉ ଥିଲେ, ସେମାନଙ୍କ ମଧ୍ୟରୁ ପ୍ରଥମ ଥିଲେ ଭରଦ୍ୱାଜ। ଭରଦ୍ୱାଜଙ୍କର ଅନ୍ୟ ନାଁ ଥିଲା ଦ୍ରୋଣାଚାର୍ଯ୍ୟ ବୋଲି ଅର୍ଥଶାସ୍ତ୍ରକୁ ବ୍ୟାଖ୍ୟା କରିଥିବା କେତେକ ଗବେଷକ କହିଛନ୍ତି। କିନ୍ତୁ ଅନେକ କହିଛନ୍ତି ଯେ ଭରଦ୍ୱାଜ ହେଉଛନ୍ତି ଦ୍ରୋଣଙ୍କର ପିତୃଦେବ। ଯାହା ବି ହେଉ, ଦ୍ରୋଣାଚାର୍ଯ୍ୟଙ୍କର ରଣକୌଶଳ ଥିଲା ଅପୂର୍ବ ଓ ଧନୁର୍ବିଦ୍ୟା ଶିକ୍ଷା ଦେବାରେ ସେ ଥିଲେ ଅତୁଳନୀୟ। ସେ ଶିକ୍ଷା ପାଇଥିଲେ ଶ୍ରେଷ୍ଠ ଯୋଦ୍ଧା ପର୍ଶୁରାମଙ୍କଠାରୁ। ମହାଭାରତର ଦ୍ୱାଦଶ ସ୍କନ୍ଦରେ ରାଜନୀତି ବିଷୟରେ ଭରଦ୍ୱାଜ ଦେଇଥିବା ବୁଦ୍ଧି ବର୍ଣ୍ଣନା କରାଯାଇଛି। ତା'ନାଁ ଥିଲା କଣିକା ନୀତି ଏବଂ ତାହା ଏବେ ମଧ୍ୟ ପଠନୀୟ। ଆଉ ଜଣେ ବିଖ୍ୟାତ ଶିକ୍ଷକ ଥିଲେ ବିଶାଳାକ୍ଷ (ବିଶାଳ ଚକ୍ଷୁବିଶିଷ୍ଟ, ଅର୍ଥ ଭଗବାନ ଶିବ)। ସେ ସବୁ ଗୁରୁଙ୍କର ଗୁରୁ ଏବଂ ଦଣ୍ଡ ନୀତିର ପ୍ରବର୍ତ୍ତନ କରିଛନ୍ତି। ସେଇଥିପାଇଁ ଉତ୍ପାତ କରୁଥିବା ଅନେକଗୁଡ଼ିଏ ରାକ୍ଷସଙ୍କୁ ସେ ବଧ କରିଛନ୍ତି। କୌନପଦାନ୍ତ (ଭୀଷ୍ମ) ମଧ୍ୟ ଜଣେ ବିଶିଷ୍ଟ ଶିକ୍ଷକ ଥିଲେ ଓ ମହାଭାରତର ଶାନ୍ତି ପର୍ବରେ ତାଙ୍କର ଉଚ୍ଚକୋଟୀର ଶିକ୍ଷା (ପାଣ୍ଡବମାନଙ୍କୁ)ର ଆଭାସ ମିଳେ। ସେ ରାଜ ଧର୍ମଠାରୁ ଆରମ୍ଭ କରି ମହିଳାମାନଙ୍କୁ ଉପଯୁକ୍ତ ସମ୍ମାନ ଦେଖାଇବା ଏବଂ ଯୁଦ୍ଧକୌଶଳ ପର୍ଯ୍ୟନ୍ତ ନିଜର ଶିକ୍ଷା ଦେଇଥିଲେ। ତାଙ୍କ ପରେ ଶିକ୍ଷକ ହେଉଛନ୍ତି ବାହୁଦନ୍ତୀ ପୁତ୍ର ଅର୍ଥାତ୍ ଇନ୍ଦ୍ର। ତାଙ୍କ ଶିକ୍ଷା ପାଇ ଅନେକ ଯୋଦ୍ଧା ବିଖ୍ୟାତ ହୋଇଛନ୍ତି ଓ ସେଥିରୁ କିଛି ଗ୍ରହଣ କରିଛନ୍ତି। ପାଠକମାନେ ଜାଣିଥିବେ ଯେ ଶ୍ରୀକୃଷ୍ଣଙ୍କର ବନ୍ଧୁ ଓ ଭକ୍ତ ଉଦ୍ଧବ ମଧ୍ୟ ଯୁଦ୍ଧବିଦ୍ୟାରେ ନିପୁଣ ଥିଲେ। ତାଙ୍କର ପ୍ରଶାସନିକ ଶିକ୍ଷା ସହିତ ଯୁଦ୍ଧ ନୀତିକୁ ଚାଣକ୍ୟ କେତେକ ପରିମାଣରେ ଗ୍ରହଣ କରିଥିଲେ। ଏହିପରି ଅନେକ ଗୁରୁ, ଶିକ୍ଷା ସ୍କୁଲରୁ ଚାଣକ୍ୟ ବିଭିନ୍ନ ତଥ୍ୟ ସଂଗ୍ରହ କରି ନିଜର ମତ ଦେଇ ଯୁଦ୍ଧ ସଂକ୍ରାନ୍ତରେ ଅର୍ଥଶାସ୍ତ୍ରରେ ଆଲୋଚନା କରିଛନ୍ତି। ତାଲିକା ବହୁତ ଲମ୍ବା, ଅନେକ ନାଁରେ ସେ ପରିବର୍ତ୍ତନ କରିଛନ୍ତି, ଯଥା- ନାରଦଙ୍କୁ ସେ ପିଶୁନ ବୋଲି କହିଛନ୍ତି। ଇନ୍ଦ୍ରଙ୍କ ନାଁ ଦିଆଯାଇଛି ବାହୁଦନ୍ତୀ ପୁତ୍ର। ପଢ଼ିବାର କଳା ମଧ୍ୟ ସେ ଶିଖେଇଛନ୍ତି। ଯେଉଁମାନେ ରଣନୀତି ପଢ଼ିବା ପାଇଁ ଆସନ୍ତି, ସେମାନେ ପାରଙ୍ଗମ ହୋଇସାରି ଆସନ୍ତି ଏବଂ ଚାଣକ୍ୟ ତାଙ୍କୁ କହନ୍ତି ଯେ ପ୍ରଥମେ ବିଷୟଟା କ'ଣ ବୁଝ। ମନ ଯଦି ସ୍ୱଚ୍ଛ ନହେଲା ବିଦ୍ୟା ଆହରଣ ବହୁତ କଷ୍ଟ। ରଣବିଦ୍ୟା ଯଦି ଶିଖିବାର ଅଛି, ତେବେ ପ୍ରଥମେ ବୁଝ ରଣ କ'ଣ ? କେତେ ପ୍ରକାର ରଣ ଥାଏ।

# ଅତଥ୍ୟର ଇତିହାସ

'ଇତିହାସ'ର ପ୍ରକୃତ ଅର୍ଥ ହେଉଛି, 'ହଁ ଏହିପରି ଘଟିଥିଲା'। ଅତଏବ ଇତିହାସ ତଥ୍ୟଭିତ୍ତିକ ହେବାକୁ ବାଧ୍ୟ। କପୋଳକଳ୍ପିତ ବା କାହାର ଉଦ୍ଦେଶ୍ୟମୂଳକ କଥାକୁ ଆମେ ଇତିହାସ ଭାବରେ ଗ୍ରହଣ କରିପାରିବା ନାହିଁ। ପୁଣି ତଥ୍ୟ କହିଲେ ଯାହା ସତ୍ୟନିଷ୍ଠ ବା ସତ୍ୟ ଉପରେ ପର୍ଯ୍ୟବସିତ। ପୁରାଣ କାହାଣୀ, ଏପରିକି କିଂବଦନ୍ତିରେ ଯେଉଁ ତଥ୍ୟ ଥାଏ ତାହା ଅନେକ ସମୟରେ ଅତିରଞ୍ଜିତ ହେବା ସହ ଅତିକଳ୍ପନା ଉପରେ ଗଢ଼ିଉଠେ। ମହାଭାତ ଯୁଦ୍ଧରେ ଅଠର ଅକ୍ଷେ ?ହିଣୀ ଯୋଦ୍ଧା ଭାଗ ନେଇଥିବାର ହିସାବ ଦିଆଯାଇଛି। ସ୍ଥାନର ନାମ କୁରୁକ୍ଷେତ୍ର। ଅକ୍ଷୌହିଣୀ କହିଲେ ଚତୁରଙ୍ଗ ସେନା- ମଣିଷ, ଘୋଡ଼ା, ହାତୀ ଓ ରଥ। ଏକ ଅକ୍ଷୌହିଣୀର ହିସାବ ହେଲା ୧୦୯୩୫୦ ପଦାତି, ୬୫୬୧୦ ଅଶ୍ୱ, ୨୦୮୭୦ ହସ୍ତୀ ଏବଂ ୨୧୮୭୦ ରଥ। ମୋଟ ସଂଖ୍ୟା ୨ ଲକ୍ଷ, ୧୮ ହଜାର, ୭୦୦। ତାହାକୁ ଅଠର ଗୁଣ କଲେ ହେବ ୩୯ ଲକ୍ଷ, ୩୬ ହଜାର, ୬୦୦। ଯେଉଁମାନେ କୁରୁକ୍ଷେତ୍ର ଇଲାକାଟିକୁ ଦେଖିଥିବେ ସେମାନେ ସହଜରେ ଜାଣିପାରିବେ ଯେ ଏ ସଂଖ୍ୟା କପୋଳକଳ୍ପିତ। ସେହିଭଳି ସମୁଦ୍ର ମନ୍ଥନ ଉପାଖ୍ୟାନ। ପୃଥିବୀର ଯେଉଁ ସତୁରି ଭାଗ ଜଳ ତା'ର ନାମ ସମୁଦ୍ର। ସମୁଦ୍ର କ'ଣ ପାଣିକୁଣ୍ଡ, ପୋଖରୀ ବା ହ୍ରଦ ଯେ ତାକୁ ମନ୍ଥନ କଲେ ? ସମୁଦ୍ରରେ ପୃଥିବୀର ସବୁଠାରୁ ବୃହତ୍ ପାହାଡ଼କୁ ପକେଇ ମନ୍ଥିଲେ ବି ତାହା ଗୋଟିଏ ପାଣିକୁଣ୍ଡରେ ଛୁଚିଂତୁଲ୍ୟ ହେବ। ତା' ଛଡ଼ା ଗୋଟିଏ ପାହାଡ଼କୁ ଗୁଡ଼େଇ ମନ୍ଥିବା ଲାଗି କେଡ଼େମୋଟର ସାପଟିଏ ଲୋଡ଼ା ? ବାସୁକୀ ସାପର ଦେହ କ'ଣ ଦୁଇଚାରିଟା ନଦୀର ମିଶ୍ରିତ ଚଉଡ଼ାଠାରୁ ଅଧିକ ଓସାର ପୁଣି ସେଭଳି ଗୋଟେ ଓସାରିଆ ସାପକୁ ଧରି ପାହାଡ଼କୁ ଖୁଆଦଣ୍ଡ କରି ମନ୍ଥିବା ପାଇଁ ଦେବତା ଓ ଅସୁରଙ୍କ ହାତପାପୁଲି କେଡ଼େକେଡ଼େ ହେବା ଉଚିତ ସବୁ କଳ୍ପନା। ସବୁ ଅତିରଞ୍ଜନ। ଏ ସମସ୍ତ କାହାଣୀ ଓ କିଂବଦନ୍ତି। କାହାଣୀ, ଆଖ୍ୟାନ, କିଂବଦନ୍ତି ଓ ପୁରାଣର ସାମାଜିକ ତଥା ସାଂସ୍କୃତିକ ଭୂମିକା ଖୁବ୍ ଗଭୀର। ଗୋଟିଏ ଗୋଟିଏ ତତ୍ତ୍ୱକୁ ଚେତନାଭୁକ୍ତ କରାଇବା ପାଇଁ କାଳେକାଳେ ଏପରି ଅଲୌକିକ କାହାଣୀ ବା କିଂବଦନ୍ତିର ଆଶ୍ରୟ ନିଆଯାଇଛି। ମାତ୍ର ମନେ ରଖିବା ଆବଶ୍ୟକ ଯେ ଯାହା ସତ୍ୟ ନୁହେଁ ତାହା ଇତିହାସ ନୁହେଁ। ଯାହା ଅତଥ୍ୟ ତାହା ଇତିହାସ ହେବ କେମିତି ? ଏଠାରେ ଆଉ ଗୋଟିଏ ଉଦାହରଣ ଖୁବ୍ ପ୍ରାସଙ୍ଗିକ ମନେହୁଏ। କଥାଟି ଅନେକଙ୍କୁ ଖଟ୍କା ଲାଗିପାରେ ମାତ୍ର ତାହା ହିଁ ସତ୍ୟ। ଆମେ ଓଡ଼ିଶାବାସୀ ଆଂଚଳିକ ଇତିହାସ କହିଲେ ଅଶୋକଙ୍କ ପାଖରେ ପହଞ୍ଚୁ। ଅଶୋକଙ୍କ ବାଟେ କଳିଙ୍ଗ ଯୁଦ୍ଧରେ ପହଚିଂ ସେଇଠାରୁ ଗଙ୍ଗାକୁ ଗଙ୍ଗୋତ୍ରୀରୁ ଖୋଜି ପାଇଲା ପରି ଗୋଟାଏ ଅତଥ୍ୟ ଇତିହାସରେ ଯୋଡ଼ି ହୋଇଯାଉ। ହିସାବ ଅନୁସାରେ ପ୍ରଚଳିତ ସାଧାରଣ ବର୍ଷମାନର ୨୬୧ ବର୍ଷ ପୂର୍ବେ ମୌର୍ଯ୍ୟ ସମ୍ରାଟ ବୀରବର ଅଶୋକ କଳିଙ୍ଗ ଆକ୍ରମଣ କରି ଲକ୍ଷ ଲକ୍ଷ ଲୋକଙ୍କୁ ମାରିପକେଇଥିଲେ। ସେଇଠୁ ତାଙ୍କ ମନ ବଦଳିଗଲା। ବୌ ?ଦ୍ଧ ଧର୍ମ ଗ୍ରହଣ କରି ସେ ଧର୍ମାଶୋକ ହୋଇଗଲେ। ଅଶୋକ ନିଜେ ଶିଳାଲେଖରେ ଯାହା ଲେଖେଇଛନ୍ତି ସେ ଅନୁସାରେ ଲକ୍ଷେ ମରିଥିଲେ ଆଉ ଦେଢ଼ଲକ୍ଷ ବନ୍ଦୀ ହୋଇ ସ୍ଥାନାନ୍ତରିତ ହୋଇଥିଲେ। ସେ ଭାରତ ଭୂଖଣ୍ଡର ପ୍ରଥମ ନରପତି ଯିଏ ଆପଣା କୃତିତ୍ୱ ଲୋକ ଲଗେଇ ପଥରରେ ଖୋଦିତ କରାଇଥିଲେ। ନିଜର ଅନୁଶାସନ ନୀତି ପଥରରେ ଖୋଦିତ କରେଇ ପ୍ରଚାର ସକାଶେ ସାମ୍ରାଜ୍ୟ ସାରା ବିତରିବା ଭିନ୍ନେ କଥା ହେଲେ ନିଜର ପାରିଲାପଣିଆ ଯେଉଁ ଅଂଚଳରେ ତାହା ଘଟିଥିଲା ସେଠାରେ ନ ଲେଖି ଅନ୍ୟତ୍ର ବଖାଣିବାର ଉଦ୍ଦେଶ୍ୟ ଅଲଗା କଥା କହେ। ଆମର କିଂବଦନ୍ତି କହୁଛି ରାଜା ଇନ୍ଦ୍ରଦ୍ୟୁମ୍ନ କୁଆଡ଼େ ବର ମାଗିଥିଲେ- ତାଙ୍କ ବଂଶରେ କେହି ନ ରହନ୍ତୁ। କାଳେ ସେମାନେ ମନ୍ଦିରଟି ତାଙ୍କର କୀର୍ତ୍ତି ବୋଲି କହି ଗର୍ବ କରିବେ ! ଅଥଚ ସମ୍ରାଟ ଅଶୋକ ନିଜକୁ ନିଜେ 'ଦେବାନାଂ ପ୍ରିୟଦର୍ଶୀ' ବୋଲି ଘୋଷଣା କରେଇ ବ୍ରାହ୍ମୀଲିପିରେ ପଥର-ଲେଖ ମାଧ୍ୟମରେ ଘୋଷଣା କରେଇଦେଲେ ଯେ ସେ ଈଶ୍ୱରଙ୍କ ପ୍ରିୟ। ତେଣେ ବୌଦ୍ଧ ଧର୍ମ କୌଣସି ଈଶ୍ୱରରେ ବିଶ୍ୱାସ କରେ ନାହିଁ। ଅଶୋକ, ଭାରତରେ ଶିଳାଲେଖର ପ୍ରଥମ ବିଜ୍ଞାପନକାରୀ। ନିଜର ବିଜୟ-କାହାଣୀ ନିଜେ ଆଦେଶ ଦେଇ ସାମ୍ରାଜ୍ୟ ସାରା ଲେଖେଇଛନ୍ତି। ଓଡ଼ିଶାର ଧଉଳିଗିରିରେ ବି ଶିଳାଲେଖ ଅଛି। ହେଲେ କେଉଁ କଥା ଅଛି ସେଥିରେ ? 'ଶାନ୍ତି, ଅହିଂସା ଓ ଧର୍ମର ପ୍ରଚାର। ମୁଁ ପ୍ରଜାମାନଙ୍କର ପିତା ସଦୃଶ।' ତାଙ୍କର ମିଳୁଥିବା ତେତିଶ ଗୋଟି ଶିଳାଲେଖରୁ ତେର ସଂଖ୍ୟକ ଶିଳାଲେଖରେ କଳିଙ୍ଗ ଯୁଦ୍ଧର ଯେଉଁ ବିଭୀଷିକା ବର୍ଣ୍ଣିତ ?ତାହା ଓଡ଼ିଶାରେ କେଉଁଠି ପ୍ରାପ୍ତ ନୁହେଁ। ପ୍ରଚାର ଉଦ୍ଦେଶ୍ୟରେ କେଉଁଠି ଗୁଜରାଟରେ ତ କେଉଁଠି ବର୍ତ୍ତମାନର ପାକିସ୍ତାନସ୍ଥ ସାହାବାଜଗଡ଼ି କିମ୍ବା ଆଜିକା ଉତ୍ତରାଖଣ୍ଡର କାଲ୍ସିରେ। ସେ ସବୁ ସ୍ଥାନରେ କାହିଁକି ? ଯେଉଁ ଲୋକଙ୍କୁ ଏତେ ସଂଖ୍ୟାରେ ମାରିଲେ ଏବଂ ଆଜିର ଇତିହାସକାରମାନେ ଯେଉଁ ଯୁଦ୍ଧକୁ 'ପ୍ରସିଦ୍ଧ କଳିଙ୍ଗ ଯୁଦ୍ଧ' କହି ଆମ ଉପରେ ଲଦି ଦେଇଛନ୍ତି ସେଥିରେ ଲୋକକଲ୍ୟାଣ ଉଦ୍ଦେଶ୍ୟରେ କ'ଣ କ'ଣ କାମ ହୋଇଥିଲା ? ତା' ଛଡ଼ା ଇନ୍ଦିରାଙ୍କ ଜରୁରୀକାଳୀନ ପରିସ୍ଥିତି ବେଳେ ସମୁଦ୍ରରେ ନିକ୍ଷେପିତ 'ଟାଇମ୍ କ୍ୟାପ୍ସୁଲ' ପରି ଏ ସବୁ ଶିଳାଲେଖ ଯେ ଉଦ୍ଦେଶ୍ୟମୂଳକ, ପ୍ରଚାରଧର୍ମୀ, ଇତିହାସ ନୁହେଁ ସେ କଥା କିଏ ଅସ୍ୱୀକାର କରିବ ? ଶିଳାଲେଖ ?ରେ ଯାହା ଖୋଦେଇ ହୋଇଗଲା ତାହା କ'ଣ ପ୍ରକୃତ ତଥ୍ୟ ଏ ପ୍ରଶ୍ନ ସମ୍ରାଟ ଅଶୋକଙ୍କର ବଡ଼ପଣିଆକୁ ନ୍ୟୂନ କରିବା ଲାଗି ଅଭିପ୍ରେତ ନୁହେଁ। କିନ୍ତୁ ଶାସନ ପାଇଁ ନୀତିନିୟମ ଜନାଦୃତ କରିବା ନିମନ୍ତେ ସ୍ଥାୟୀ ବିଜ୍ଞାପନ ଜାରି କରିବା ଭିନ୍ନ କଥା, ହେଲେ ଆପଣା ପ୍ରଚାର ସହଜ ବିଜୟ ପାଇଁ ମୁଁ ଏମିତି, ମୁଁ ସେମିତି କହି ଲୋକଙ୍କୁ ପ୍ରଭାବିତ କରିବା ଲାଗି ଶିଳାଲେଖର ଯେ ଉପଯୋଗ ହୋଇ ନାହିଁ ସେ କଥା କିଏ କହିବ ? କେଉଁଠି ପଥର କାନ୍ଥରେ, ଗୁମ୍ଫାରେ ବା ଖୁଂଟ ନିର୍ମାଣ କରି ଅଶୋକଙ୍କର ଶିଳାଲିପି ସେତେବେଳେ କେବଳ ଅନୁଶାସନର କଥା କହିନାହିଁ, ତାଙ୍କ ପ୍ରୌଢ଼ି ମଧ୍ୟ ବର୍ଣ୍ଣନା କରିଛି। ଆମର 'ଚତୁର ବିନୋଦ'ର କଥାଟିଏ ଅଛି- 'ଆପଣା ପୁରୁଷାର୍ଥ ଆପଣେ କହିଲେ ନଷ୍ଟ'। ସେମିତି ପଠାଣି ସାମନ୍ତଙ୍କ କଥା। ତାଙ୍କ ଜନ୍ମ ତାରିଖଠାରୁ ଆରମ୍ଭ କରି ନାମକରଣ, ଜୀବନ-ଉପାଖ୍ୟାନ, ଏପରିକି ସେ ବ୍ୟବହାର କରିଥିବା ସରଞ୍ଜାମ ସଂପର୍କରେ ଏତେ ଅତଥ୍ୟ ଭରିଗଲାଣି ଯେ ତା' ଭିତରେ ତଥ୍ୟ ବା ସତ୍ୟ ପୂରାଇବା କଷ୍ଟ। ସାମନ୍ତ ଚନ୍ଦ୍ରଶେଖରଙ୍କର ପ୍ରଥମ ଜୀବନୀକାର ହେଉଛନ୍ତି ଖଣ୍ଡପଡ଼ାର ପଣ୍ଡିତ ଚନ୍ଦ୍ରଶେଖର ମିଶ୍ର, କାବ୍ୟତୀର୍ଥ। ପଣ୍ଡିତ ଚନ୍ଦ୍ରଶେଖରଙ୍କ ପିତା ନାରାୟଣ ଥିଲେ ସାମନ୍ତ ଚନ୍ଦ୍ରଶେଖରଙ୍କର ନିଘନ ବନ୍ଧୁ। ତାଙ୍କଠାରୁ କିଏ ଅଧିକ ଜାଣିଥିଲା ସାମନ୍ତଙ୍କ ସଂପର୍କରେ ? 'ଉତ୍କଳ ସାହିତ୍ୟ ସମାଜ' ପକ୍ଷରୁ ଚନ୍ଦ୍ରଶେଖରଙ୍କ ଜୀବନୀ ଲେଖି ସେ ପୁରସ୍କାର ପାଇଥିଲେ ଏବଂ ତାହାର ପ୍ରଥମ ସଂସ୍କରଣ ୧୯୩୨ରେ ପ୍ରକାଶ ପାଇଥିଲା। ସେଥିରେ ସେ ଲେଖିଛନ୍ତି ଯେ- 'ଚନ୍ଦ୍ରଶେଖର (ମହାଦେବ)ଙ୍କ ପ୍ରସାଦରୁ ପୁତ୍ରଲାଭ ହୋଇଥିବାରୁ ପିତାମାତା ପୁତ୍ରର ନାମ ଚନ୍ଦ୍ରଶେଖର ରଖିଲେ। ଉପର ଭାଇ ମୃତ ହୋଇଥିବାରୁ ତାହାଙ୍କର ଅପର୍ଣ୍ଣ୍ୟାଣି (ଅପ୍ରତ୍ୟୟ) ନାମ ଥିଲା ପଠାଣି।' ଅଥଚ ପାଲାକାରଙ୍କ ଭଳି ଦଳେ କାଗଜରେ, କାନ୍ଥରେ ବାଡ଼ରେ, ଘୋଷଣାରେ ପ୍ରକାଶ କରିଦେଲେ ଯେ ତାଙ୍କ ପିତାମାତା ଜଣେ ପଠାଣକୁ ବିକି ଦେଇଥିବାରୁ ତାଙ୍କର ନାମ ପଠାଣି। ଏହା ସଂପୂର୍ଣ୍ଣ ଅତଥ୍ୟ। ମିଛ କଥାଟି ଏବେ ଇତିହାସର ରୂପ ନେଇସାରିଲାଣି। ସେମିତି ତାଙ୍କ ବିଷୟରେ କିଛି ବର୍ଷ ପୂର୍ବେ ପାଠ୍ୟପୁସ୍ତକରେ ପଶିଥିବା ଓ ପରେ ଜଣେ ସାହିତ୍ୟିକ ଆପଣା ଧାରାବାହିକ ସ୍ତମ୍ଭରେ ଆଖ୍ୟାୟିତ କରିଥିବା ଏକ କାହାଣୀର କଥା। ସାମନ୍ତ ଚନ୍ଦ୍ରଶେଖର କୁଆଡ଼େ ତାଙ୍କ ଚାଷ ଗାଆଁକୁ ବେଙ୍ଗଳା ପକାଇବା ପାଇଁ ଯାଇଥିଲେ। ଶଗଡ଼ରେ ଧାନ ଧରି ଆସିଲା ବେଳେ ସବୁତକ ବାଚିଂଦେଇ ମାତ୍ର ଗୋଟିଏ ବସ୍ତା ଧରି ଫେରିଥିଲେ। କି କପୋଳକଳ୍ପିତ କଥା ? ଏ କାହାଣୀଟି ରାଜା ନାରାୟଣ ମଙ୍ଗରାଜଙ୍କ ଗୁରୁ ଦୀନବନ୍ଧୁ ମିଶ୍ର ଖାଡ଼ଙ୍ଗାଙ୍କ ଜୀବନର ଘଟନା। ସେ ଉପାଖ୍ୟାନଟି ମଧ୍ୟ ପଣ୍ଡିତ ଚନ୍ଦ୍ରଶେଖର ମିଶ୍ର ସାମନ୍ତଙ୍କ ଜୀବନୀରେ ଉଲ୍ଲେଖ କରିଛନ୍ତି। ଅଥଚ ଷଷ୍ଠ ଶ୍ରେଣୀ ବହିରେ ଓଡ଼ିଶାରେ ଏ ଅତଥ୍ୟଟି ପାଠ୍ୟପୁସ୍ତକରେ ପଶିଯାଇଥିଲା। ଆଉ ଗୋଟିଏ ହେଲା ବାଉଁଶନଳୀ ଉପାଖ୍ୟାନ। ସାମନ୍ତ ଚନ୍ଦ୍ରଶେଖର କୁଆଡ଼େ ଦୁଇଖଣ୍ଡ ବାଉଁଶନଳୀରେ ଗ୍ରହନକ୍ଷତ୍ର ଦେଖୁଥିଲେ ଓ ପାହାଡ଼ର ଉଚ୍ଚତା ମାପୁଥିଲେ। କି ଘୋର ଅତଥ୍ୟ ! ଚାରିଆଡ଼େ, ଏବେ ସେ କଥା ଲେଖାରେ, ଚିତ୍ରରେ ପ୍ରଚାରିତ। ସାମନ୍ତ ଖାଲି ଆଖିରେ ଆକାଶ ନିରୀକ୍ଷଣ କରିଥିଲେ। ସେଥିପାଇଁ 'ଦୃକ୍‌ସିଦ୍ଧ ସିଦ୍ଧାନ୍ତ'। ବ୍ୟବହାର ପାଇଁ ତାଙ୍କୁ ଶଙ୍କୁ ଯନ୍ତ୍ର, ମାନ ଯନ୍ତ୍ର, ଖପୋଳ ଯନ୍ତ୍ର, ସୂର୍ଯ୍ୟଘଡ଼ି ଆଦି ତିଆରି କରିବାକୁ ପଡ଼ିଥିଲା। ବାଉଁଶନଳୀ ଆସିଲା କେଉଁଠୁ ? ଅନୁରୂପ ଭାବେ ତାଙ୍କ 'ସିଦ୍ଧାନ୍ତ ଦର୍ପଣ'ର ରଚନାକାଳ। ସେ ନିଜେ ଲେଖିଛନ୍ତି- 'ମୁକୁନ୍ଦ ଦେବସ୍ୟ ଚତୁର୍ଦ୍ଦଶାଙ୍କେ କାଳେ ବୃଷାକ୍ଷେନ୍ଦୁ ସମେ ଚ ଶାକେ / ବାରେ ଶନେର୍ମାର୍ଗପୁରୋ ନବମୟାମିଦଂ ମୟା ପୁସ୍ତକମାସ୍ତ ପୂର୍ଣ୍ଣମ୍।' ଅର୍ଥାତ୍ ମୁକୁନ୍ଦ ଦେବଙ୍କ ୧୪ ଅଙ୍କ (୧୮୧୪) ଶତାବ୍ଦ ମାର୍ଗଶିର ମାସ କୃଷ୍ଣପକ୍ଷ ନବମୀ ତିଥି ଶନିବାର (୧୨.୧୧.୧୮୯୨)ରେ ମୋ ଦ୍ୱାରା ଏହି ପୁସ୍ତକ (ସିଦ୍ଧାନ୍ତ ଦର୍ପଣ) ସମାପ୍ତ ହେଲା। ଦଳେ ପ୍ରଚାର ଚଳାଇଛନ୍ତି ସେ ମାତ୍ର ୩୪ ବର୍ଷ ବୟସରେ ସେ 'ସିଦ୍ଧାନ୍ତ ଦର୍ପଣ' ସାରିଥିଲେ। ଅତଥ୍ୟ। ଜନ୍ମ ତାରିଖଟି ମଧ୍ୟ ସେଇଭଳି ତଥ୍ୟ ଆଧାରିତ ନୁହେଁ। ସବୁଠୁ ବଡ଼ କଥା ହେଲା ଆଜି ଅଧିକାଂଶ ପାଠ୍ୟପୁସ୍ତକ ଅତଥ୍ୟରେ ଭରା। ଫଳରେ ପିଲାମାନେ ଏହାକୁ ପ୍ରକୃତ ଇତିହାସ ମନେ କରୁଛନ୍ତି। ଇତିହାସକୁ ବିକୃତ କରିବା ଅର୍ଥ ସତର ତଚିଂ ଚିପିବ।

# ଗଛ ଲଗାଇବା କାହିଁକି ?

ବୃକ୍ଷରୋପଣକୁ ନେଇ ଜେଜେ-ନାତି କଥୋପକଥନ ସମ୍ପର୍କିତ କାହାଣୀ ପୂର୍ବରୁ ଆପଣ ନିଶ୍ଚିତ ରୂପେ ଶୁଣିଥିବେ । ସୂର୍ଯ୍ୟାଲୋକରେ ଝଲସୁଥିବା ଏକ ନିରବ ସକାଳରେ ଜେଜେବାପା ନାତିକୁ ନେଇ ଘର ପଛ ଏକ ଫାଙ୍କା ସ୍ଥାନରେ ଗାତଟିଏ ଖୋଳିଲେ ଏବଂ ଛୋଟ ଆମ୍ବ ଚାରାଟିଏ ରୋପଣ କଲେ । ଉତ୍ସୁକତାର ସହ ନାତି ପ୍ରଶ୍ନ କଲା 'ଚାରିପଟେ ତ ଏତେ ଗଛ ଭରି ରହିଛି, ଆଉ ଗଛ ଲଗାଇବା କ'ଣ ଆବଶ୍ୟକ' ହସହସ ମୁଖରେ ନାତିକୁ ଉତ୍ତର ଦେଲେ ଜେଜେ 'ଗଛମାନେ ହେଉଛନ୍ତି ସର୍ବୋତମ ଦାତା । ସେମାନେ ଆମ ପାଖରୁ କିଛି ନିଅନ୍ତି ନାହିଁ, କିନ୍ତୁ ଆମକୁ ଅମ୍ଳଜାନ, ଫୁଲ, ଫଳ, କାଷ୍ଠ ଏବଂ ସୁଶୀତଳ ଛାୟା ପ୍ରଦାନ କରନ୍ତି । କେତେ ପ୍ରକାର ଜୀବଜନ୍ତୁ, ପକ୍ଷୀଙ୍କୁ ରହିବା ନିମନ୍ତେ ବାସସ୍ଥଳୀ ଯୋଗାଇ ଦିଅନ୍ତି । କେବଳ ଆମ ପାଇଁ ନୁହେଁ, ଆମ ପରବର୍ତ୍ତୀ ପିଢ଼ି ନିମନ୍ତେ ମଧ୍ୟ ଏସବୁ ଉପଯୋଗିତା ଉପଲବ୍ଧ ହେବ ।' ନାତି ପୁଣି ପ୍ରଶ୍ନ କଲା 'ଏହି ଚାରାଟି ତ ଏତେ ଛୋଟ ଅଛି, କେବେ ବଡ଼ ହେବ ଆଉ ଆମ୍ବ ଫଳିବ ! ତମେ କ'ଣ ତାହା ଖାଇପାରିବ ?' ଜେଜେ ଉତ୍ତର ଦେଲେ 'ଆମେ ଯେଉଁ ଫଳ ଆଜି ଖାଉଛେ, ଅନେକ ଗଛ ଆମ ବାପା, ଜେଜେ ଲଗାଇ ଥିଲେ । ଆଜି ଯେଉଁ ଗଛ ଲାଗୁଛି ତା'ର ଫଳ ତମେମାନେ ବଡ଼ ହେଲେ ଖାଇବ, ଆଉ ଅନ୍ୟାନ୍ୟ ବହୁ ଦ୍ରବ୍ୟ ଓ ସେବା ମଧ୍ୟ ହାସଲ ହେବ । ବହୁ ଜୀବଜାତିଙ୍କର ସମ୍ଭାର ଏଠି ଗଢ଼ିଉଠିବ ଏବଂ ପରିବେଶ ସନ୍ତୁଳନ ରକ୍ଷାହେବ । ତେଣୁ ଗଛ ଲଗାଇବା ଆମ ଭବିଷ୍ୟତ ଏବଂ ପ୍ରକୃତିକୁ ସୁରକ୍ଷିତ ରଖିବା ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ ।' ଜେଜେ-ନାତିଙ୍କୁ ନେଇ ଏପରି ଗଳ୍ପ କେବଳ ଛୋଟ ପିଲାଙ୍କ ନିମନ୍ତେ ଉଦ୍ଦିଷ୍ଟ ନୁହେଁ, ବରଂ ସମାଜ ନିମନ୍ତେ ଏହା ଏକ ଅତୀବ ମୂଲ୍ୟବାନ ବାର୍ତ୍ତା ବହନ କରେ । ପ୍ରାଚୀନ ଭାରତର ପରମ୍ପରାକୁ ଅବଲୋକନ କଲେ ଆଜି ଦୃଶ୍ୟମାନ ଥିବା ବ୍ୟାପକ ଧରଣର ବାଣିଜ୍ୟିକ ବୃକ୍ଷରୋପଣ ସେତେବେଳେ ଅସ୍ତିତ୍ୱରେ ନଥିଲା । କେବଳ କର୍ପୋରେଟ୍ କିମ୍ବା ସାମ୍ରାଜ୍ୟବାଦୀ ଲାଭ ଉଦ୍ଦେଶ୍ୟରେ ଶୋଷଣ ନକରି, ବୃକ୍ଷମାନଙ୍କୁ ମଣିଷ ବଚିଂବା ନିମନ୍ତେ ଅତ୍ୟାବଶ୍ୟକୀୟ ଜୀବସତ୍ତା ଭାବରେ ପୂଜାର୍ଚ୍ଚନା ଏବଂ ବ୍ୟବହାର କରିବା ମୂଳମନ୍ତ୍ର ଥିଲା । ବୃକ୍ଷରୋପଣ ଏବଂ ଉଦ୍ୟାନ (ପବିତ୍ର ତୋଟା) ସ୍ଥାପନ ଧାର୍ମିକ କର୍ତ୍ତବ୍ୟ ରୂପେ ପରିଗଣିତ ହେଉଥିଲା । ତୁଳସୀ, ଅଶ୍ୱତ୍ଥ, ବର, ନିମ୍ବ, ବେଲ, ଆମ୍ବ, ଅଶୋକା, ନଡ଼ିଆ ଇତ୍ୟାଦି ଉଦ୍ଭିଦକୁ ଐଶ୍ୱରୀୟ ସତ୍ତାର ନିଦର୍ଶନ ଭାବରେ ପୂଜିତ କରାଯିବାର ପରମ୍ପରା ଆଜି ମଧ୍ୟ ରହିଛି । ବୃକ୍ଷଲତା କୃଷି ଏବଂ ବନୀକରଣ ପବିତ୍ର ଆୟୁର୍ବେଦ ଏବଂ ପ୍ରକୃତି ଅଧ୍ୟୟନ ସହିତ ଗଭୀର ଭାବରେ ଜଡ଼ିତ ଥିଲା । ପ୍ରକୃତି ସହ ଅନ୍ତରଙ୍ଗ ସମନ୍ୱୟ ସ୍ଥାପନ ଉପରେ ବୃକ୍ଷରୋପଣ ଏବଂ ଉଦ୍ଭିଦ କୃଷିର ଦୃଷ୍ଟିକୋଣ କେନ୍ଦ୍ରିତ ଥିଲା । ମତ୍ସ୍ୟ ପୁରାଣ ଭଳି ଗ୍ରନ୍ଥରେ ଲିପିବଦ୍ଧ ରହିଛି ଯେ ଗୋଟିଏ ବୃକ୍ଷ ଲଗାଇବା ଆଧ୍ୟାତ୍ମିକ ଭାବରେ ଦଶଟି ପୁଣ୍ୟାତ୍ମା ସନ୍ତାନ ଲାଭ ସହିତ ସମକକ୍ଷ । ପବିତ୍ର ତୋଟାସବୁର ରକ୍ଷଣାବେକ୍ଷଣ ଧର୍ମ (କର୍ତ୍ତବ୍ୟ), ଅର୍ଥ (ସମୃଦ୍ଧି), କାମ (ଇଚ୍ଛା) ଏବଂ ମୋକ୍ଷ (ମୁକ୍ତି) ପରି ଜୀବନର ଚାରିଟି ଚରମ ଲକ୍ଷ୍ୟ ହାସଲ ସହିତ ସମ୍ପୃକ୍ତ ବୋଲି ବିଚାର ହେଉଥିଲା । ଉପବନବିନୋଦ ଏବଂ ସୁରପାଳଙ୍କ ବୃକ୍ଷାୟୁର୍ବେଦ ଭଳି ପ୍ରାଚୀନ ଗ୍ରନ୍ଥଗୁଡ଼ିକ ମୃତ୍ତିକା ଚିକିତ୍ସା, ବିହନ ପ୍ରକ୍ରିୟାକରଣ, ଜଳସେଚନ ପ୍ରକ୍ରିୟା ଏବଂ ଜୈବିକ ସାର ବ୍ୟବହାର ବିଷୟରେ ବିସ୍ତୃତ ନିର୍ଦ୍ଦେଶାବଳୀ ପ୍ରଦାନ କରିଥିଲେ । ପ୍ରାଚୀନ ପଦ୍ଧତିରେ ମହୁ, ଘିଅ, ଗୋବର ଏବଂ ଔଷଧୀୟ ପାଉଁଶ ଭଳି ସାମଗ୍ରୀର ମିଶ୍ରଣକୁ ବ୍ୟବହାର କରାଯାଇ ବୃକ୍ଷଲତାଙ୍କର ପୋଷଣ ଏବଂ ସେସବୁର ମାନବ ରୋଗ ଉପଶମରେ ବ୍ୟବହାର କରାଯାଉଥିଲା । ମାତ୍ର ଆଧୁନିକ ସମାଜରେ ଏସବୁ ପ୍ରାଚୀନ ପଦ୍ଧତି ବର୍ଜିତ ହୋଇ ଏକ ଅସନ୍ତୁଳିତ ପ୍ରକ୍ରିୟାରେ କାର୍ଯ୍ୟଧାରା ଚାଲୁରହିଛି, ଯାହା ଉଭୟ ଉଦ୍ଭିଦଜଗତ ଓ ପ୍ରାଣୀଜଗତ ପ୍ରତି ଅଶେଷ କ୍ଷତିସାଧନ କରୁଛି । ତେବେ, ପରିବେଶର ଗୁଣବତା ଅବକ୍ଷୟିତ ହେଉଥିବା ଆଧୁନିକ ବିଶ୍ୱରେ ବୃକ୍ଷରୋପଣ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ଯାହା ପରିବେଶୀୟ ସ୍ଥିରତା, ଆର୍ଥିକ ବିକାଶ ଏବଂ ସାମାଜିକ କଲ୍ୟାଣରେ ଯୋଗଦାନ ରଖେ । ତାପମାତ୍ରା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ହ୍ରାସ, ବିଭିନ୍ନ ପ୍ରଦୂଷଣ, ଜୈବବିବିଧତା ଅବକ୍ଷୟ ତଥା ଅନ୍ୟ ପରିବେଶଜନିତ ସମସ୍ୟା ସମ୍ପର୍କରେ କ୍ରମଶଃ ସଚେତନତା ବୃଦ୍ଧି ପାଉଥିବାରୁ, ପରିବେଶ ସନ୍ତୁଳନ ବଜାୟ ରଖିବା ଏବଂ ମାନବ ସମାଜର ହିତ ସାଧନ ହେବା ନିମନ୍ତେ ବୃକ୍ଷରୋପଣର ଗୁରୁତ୍ୱକୁ ଜନସମାଜ ହୃଦୟଙ୍ଗମ କଲାଣି । ବୃକ୍ଷଲତାମାନେ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ କରନ୍ତି ଏବଂ ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାରେ ଅମ୍ଳଜାନ ନିର୍ଗତ କରନ୍ତି । ଏଥିସହ ପ୍ରଦୂଷିତ ବାୟୁକୁ ବିଶୁଦ୍ଧ କରନ୍ତି ତଥା ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପର ମାତ୍ରାକୁ ହ୍ରାସ କରି ବିଶ୍ୱତାପନ ଏବଂ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ କରନ୍ତି । ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମମାନ ଅଙ୍ଗାରକ ଭଣ୍ଡାର (କାର୍ବନ ସିଙ୍କ୍) ଭାବରେ କାର୍ଯ୍ୟ କରି ରାଷ୍ଟ୍ରମାନଙ୍କର ଜଳବାୟୁ ଲକ୍ଷ୍ୟ ପୂରଣ ଏବଂ ସେମାନଙ୍କର ପରିବେଶଗତ ପଦଚିହ୍ନକୁ ହ୍ରାସ କରିବାରେ ସହାୟତା କରନ୍ତି । ଏତଦ୍ ବ୍ୟତୀତ, ରୋପିତ ବୃକ୍ଷମାନେ ମାଟିକୁ ମୂଳ ସହିତ ଧରିରଖି ମୃତିକା କ୍ଷୟକୁ ରୋକିବାରେ ସାହାଯ୍ୟ କରନ୍ତି, ଯାହା ଉର୍ବର ଭୂମିକୁ ସୁରକ୍ଷା ଦିଏ ଏବଂ ଭୂସ୍ଖଳନ ଓ ମରୁଭୂମିକରଣ ପରି ବିପଦରେ ହ୍ରାସ ଘଟାଏ । ଏ ସମସ୍ତ ବିଷୟକୁ ପୂର୍ବାବଲୋକନ ଓ ହୃଦୟଙ୍ଗମ କରି ଭାରତର ପୂର୍ବତନ କୃଷି ଓ ଖାଦ୍ୟ ମନ୍ତ୍ରୀ ଡ. କେ.ଏମ୍. ମୁନସୀ ୧୯୫୦ ମସିହାରେ ନିଷ୍ପତି ଗ୍ରହଣ କରିଥିଲେ ଯେ, ଜୁଲାଇ ମାସ ପ୍ରଥମ ସପ୍ତାହକୁ ବନ ମହୋତ୍ସବ ବା 'ବୃକ୍ଷର ପର୍ବ' ରୂପେ ଦେଶବ୍ୟାପୀ ପାଳନ କରାଯିବ । ମୌସୁମୀ ଋତୁର ପ୍ରାରମ୍ଭରେ ବ୍ୟକ୍ତିସମୂହ, ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ସଂଗଠନ ଦ୍ୱାରା ବ୍ୟାପକ ସଂଖ୍ୟାର ଚାରା ରୋପଣ ସମ୍ପାଦିତ ହେବା ସହ ବୃକ୍ଷଲତାଙ୍କର ଗୁରୁତ୍ୱ ଏବଂ ଜଙ୍ଗଲ ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟିର ପ୍ରୟାସ କରିବା ଏହି ପର୍ବ ପାଳନର ପ୍ରମୁଖ ଲକ୍ଷ୍ୟ । ଅର୍ଥନୈତିକ ଦୃଷ୍ଟିକୋଣରୁ ବୃକ୍ଷରୋପଣ ହେଉଛି କଂଚାମାଲ ଏବଂ ନିଯୁକ୍ତି ସୃଷ୍ଟିର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ । ଚା, କଫି, ରବର, ନଡ଼ିଆ ଓ ପାମ୍ ତେଲ ଏବଂ କାଷ୍ଠ ଭଳି ବୃହତ୍ ବୃକ୍ଷ ରୋପଣଜନିତ କୃଷି ଜାତୀୟ ଅର୍ଥନୀତିରେ, ବିଶେଷକରି ବିକାଶଶୀଳ ରାଷ୍ଟ୍ରମାନଙ୍କରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖେ । ଏହି ଶିଳ୍ପଗୁଡ଼ିକ କୃଷକ, ଶ୍ରମିକ ଏବଂ ବ୍ୟବସାୟୀଙ୍କ ସମେତ ଲକ୍ଷ ଲକ୍ଷ ଲୋକଙ୍କ ନିମନ୍ତେ ଜୀବିକା ଉପାର୍ଜନର ଉତ୍ସ ଅଟେ । ବୃକ୍ଷରୋପଣରୁ ପ୍ରାପ୍ତ ଉତ୍ପାଦଗୁଡ଼ିକ ଖାଦ୍ୟ ପ୍ରକ୍ରିୟାକରଣ, ବିଭିନ୍ନ ଦ୍ରବ୍ୟ ନିର୍ମାଣ, କାଷ୍ଠ ସରଞ୍ଜାମ ପ୍ରସ୍ତୁତି ଏବଂ କାଗଜ ଉତ୍ପାଦନ ସମେତ ବିଭିନ୍ନ ଶିଳ୍ପରେ ବ୍ୟବହୃତ ହୁଏ । ଔଷଧୀୟ ଉଦ୍ଭିଦରାଜି ହେଉଛି ବିଶ୍ୱ ସ୍ୱାସ୍ଥ୍ୟସେବାର ମୂଳଦୁଆ, ଯାହା ସ୍ୱଳ୍ପ ଖର୍ଚ୍ଚରେ ଏବଂ ପାରମ୍ପରିକ ଭାବରେ ବିଭିନ୍ନ ରୋଗର ସୁଲଭ ପ୍ରତିକାର ପ୍ରଦାନ କରେ । ବୃକ୍ଷଲବ୍ଧ ଉତ୍ପାଦର ରପ୍ତାନି ଅନେକ ରାଷ୍ଟ୍ର ନିମନ୍ତେ ମୂଲ୍ୟବାନ ବୈଦେଶିକ ମୁଦ୍ରା ରୋଜଗାରର ମାଧ୍ୟମ ଅଟେ । ଦାୟିତ୍ୱପୂର୍ଣ୍ଣ ଭାବରେ ପରିଚାଳିତ ହେଲେ, ବୃକ୍ଷରୋପଣ ପ୍ରକୃତି ସଂରକ୍ଷଣ ପ୍ରୟାସକୁ ସମର୍ଥନ କରିବା ସହିତ ବନଜାତ ଦ୍ରବ୍ୟର ବର୍ଦ୍ଧିତ ଚାହିଦା ପୂରଣ କରିବାରେ ସକ୍ଷମ ହେବ । ସାମାଜିକ ବନୀକରଣ ପ୍ରକ୍ରିୟା ସ୍ଥାନୀୟ ଜନସଂଖ୍ୟାର ପ୍ରତ୍ୟକ୍ଷ ଆବଶ୍ୟକତା ପୂରଣ କରିବା ଉଦ୍ଦେଶ୍ୟରେ ଅବକ୍ଷୟିତ, ସାର୍ବଜନୀନ କିମ୍ବା ଅବ୍ୟବହୃତ ସମ୍ପ୍ରଦାୟ ଜମିରେ ଜନସାଧାରଣଙ୍କ ସାମୂହିକ ଯୋଗଦାନରେ ବୃକ୍ଷରୋପଣ ଏବଂ ସେସବୁର ପରିଚାଳନାକୁ ଅନ୍ତର୍ଭୁକ୍ତ କରେ । ଏହାର ଗୁରୁତ୍ୱ ଦାରିଦ୍ର୍ୟ ଦୂରୀକରଣ, ପରିବେଶ ପୁନରୁଦ୍ଧାର ଏବଂ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବାରେ ନିହିତ । ଶିକ୍ଷାନୁଷ୍ଠାନ, ଗ୍ରାମାଂଚଳ ଏବଂ ସହରାଂଚଳରେ ବୃକ୍ଷରୋପଣ ଅଭିଯାନ ନାଗରିକମାନଙ୍କ ମଧ୍ୟରେ ପ୍ରକୃତି ଓ ପରିସଂସ୍ଥାର ସ୍ଥାୟିତ୍ୱ ପ୍ରତି ଦାୟିତ୍ୱବୋଧକୁ ଜାଗ୍ରତ କରେ । ସବୁଜିମା ବୃଦ୍ଧି ବାୟୁ ଗୁଣବତ୍ତାକୁ ଉନ୍ନତ କରି, କଣିକା ପଦାର୍ଥ ଓ ଶବ୍ଦ ପ୍ରଦୂଷଣ ହ୍ରାସ କରେ ଏବଂ ସୁସ୍ଥ ଜୀବନଯାପନ ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରି ଜନସ୍ୱାସ୍ଥ୍ୟରେ ଉନ୍ନତି ଘଟାଏ । ପୁନଶ୍ଚ, ଏହା ଜଳ ସଂରକ୍ଷଣ ସହ ଜଡ଼ିତ ଆହ୍ୱାନଗୁଡ଼ିକର ମୁକାବିଲା କରିବାରେ ସହାୟତା କରେ । ବୃକ୍ଷମାନଙ୍କର ଉପସ୍ଥିତି ଭୂତଳ ଜଳ ପୁନଃଭରଣାକୁ ସମର୍ଥନ, ଜଳଚକ୍ରକୁ ନିୟନ୍ତ୍ରଣ ଏବଂ ଜଳପ୍ରବାହକୁ ହ୍ରାସ କରେ । କୃଷିକ୍ଷେତ୍ରରେ ବାତ୍ୟାରୋଧୀ ବୃକ୍ଷରୋପଣ ଫସଲକୁ ପ୍ରବଳ ପବନରୁ ରକ୍ଷା କରେ ଏବଂ କୃଷି ଉତ୍ପାଦନରେ ବୃଦ୍ଧି ଘଟାଏ । କୃଷି ବନୀକରଣ ପ୍ରଣାଳୀ କୃଷି କାର୍ଯ୍ୟକଳାପ ସହିତ ଅନ୍ୟ ଲାଭଦାୟକ ଉଦ୍ଭିଦ ରୋପଣକୁ ମିଶ୍ରଣ କରି ସହନୀୟ ଭୂମି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହୁଏ । ଏହା ଗୁରୁତ୍ୱପୂର୍ଣ୍ଣ ଯେ ପ୍ରାକୃତିକ ଜଙ୍ଗଲଗୁଡ଼ିକ ଅତ୍ୟନ୍ତ ଜୈବବିବିଧ, ସ୍ୱାବଲମ୍ବୀ ପରିସଂସ୍ଥା, ଯାହା ଲକ୍ଷ ଲକ୍ଷ ବର୍ଷର ଅବଧିରେ ବିକଶିତ ହୋଇଛି । ବୃକ୍ଷରୋପଣରେ ସାଧାରଣତଃ କେବଳ ଅଳ୍ପ କେତୋଟି ଦ୍ରୁତ ବଢ଼ୁଥିବା, କେତେକ କ୍ଷେତ୍ରରେ ୟୁକାଲିପଟସ୍ ବା ଆକାସିଆ ପରି ବାହ୍ୟ, ବାଣିଜ୍ୟିକ ବୃକ୍ଷଜାତି ରହିଥାଏ । ମାତ୍ର ପ୍ରାକୃତିକ ଜଙ୍ଗଲରେ ଦେଶୀୟ ଉଦ୍ଭିଦ, ପ୍ରାଣୀ, କବକ ଏବଂ ଅଣୁଜୀବମାନଙ୍କର ଏକ ଜଟିଳ, ବହୁସ୍ତରୀୟ ମିଶ୍ରଣ ରହିଥାଏ, ଯାହା ପରିସଂସ୍ଥାର ସକ୍ରିୟ କାର୍ଯ୍ୟକଳାପ ନିମନ୍ତେ ଅତ୍ୟନ୍ତ ସହାୟକ ହୋଇଥାଏ । ପ୍ରାକୃତିକ ଜଙ୍ଗଲଗୁଡ଼ିକ ବିଭିନ୍ନ ଦ୍ରବ୍ୟ ଓ ସେବା ପ୍ରଦାନର ଅସରନ୍ତି ଉତ୍ସ ହେବା ସହିତ ଜଳବାୟୁ ବିଭ୍ରାଟ ପ୍ରତି ଅଧିକ ପ୍ରତିରୋଧୀ ଏବଂ ସ୍ଥାନୀୟ ପାଣିପାଗ ଧାରାକୁ ଉତ୍ତମ ରୂପେ ନିୟନ୍ତ୍ରଣ କରନ୍ତି । ଅତଏବ, ବନ ମହୋତ୍ସବ ଅବସରରେ ଜଙ୍ଗଲ ସୁରକ୍ଷାକୁ ଶକ୍ତିଶାଳୀ କରିବା ନିମନ୍ତେ ସଚେତନତା ବୃଦ୍ଧି ଏବଂ କାର୍ଯ୍ୟପନ୍ଥା ଗ୍ରହଣ ଅତ୍ୟନ୍ତ ପ୍ରୟୋଜନୀୟ ଅଟେ । ଅଧିକନ୍ତୁ, ହ୍ରାସ ପାଉଥିବା ସବୁଜିମାର ବୃଦ୍ଧି ଲକ୍ଷ୍ୟରେ ବିବିଧ ଜାତିର ସ୍ଥାନୀୟ ବୃକ୍ଷରାଜିର ଚାରାରୋପଣ ମାଧ୍ୟମରେ ଜାତିସଂଘର 'ପରିସଂସ୍ଥା ପୁନରୁଦ୍ଧାର ଦଶନ୍ଧି (୨୦୨୧-୨୦୩୦)' ଅଭିଯାନରେ ଆମେ ଆମର ବଳିଷ୍ଠ ଅବଦାନ ରଖିପାରିବା । ଯଦିଓ ବୃକ୍ଷରୋପଣ ପ୍ରାକୃତିକ ଜଙ୍ଗଲକୁ ସମ୍ପୂର୍ଣ୍ଣ ଭାବରେ ପୁନଃସ୍ଥାପିତ କରିପାରିବ ନାହିଁ, ତଥାପି ଏହା କ୍ଷୟପ୍ରାପ୍ତ ଜମିର ପୁନରୁଦ୍ଧାର, ସମ୍ପଦ ସଂରକ୍ଷଣ ଏବଂ ଏକ ସବୁଜ ତଥା ସୁସ୍ଥ ଭବିଷ୍ୟତ ସୃଷ୍ଟି ଦିଗରେ ପ୍ରଭାବଶାଳୀ ଉପକରଣ ଭାବରେ କାର୍ଯ୍ୟ କରେ । ତେଣୁ ସରକାର, ବିବିଧ ସଂଗଠନ ଏବଂ ବ୍ୟକ୍ତିବିଶେଷ ସମ୍ମିଳିତ ଭାବରେ ଭବିଷ୍ୟତ ପିଢ଼ି ନିମନ୍ତେ ନିରନ୍ତର ବିକାଶ ଏବଂ ପରିବେଶ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସଂକଳ୍ପବଦ୍ଧ ହେବା ଏବଂ ସକ୍ରିୟ ଭାବରେ ବୃକ୍ଷରୋପଣ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ବାଞ୍ଛନୀୟ ।

# କେ.ଜି ରୁ ପି.ଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା

ଭୁବନେଶ୍ୱର : ଜ୍ଞାନୋଦୟ- ଶିକ୍ଷାରୁ ସମୃଦ୍ଧି ନାମରେ ରାଜ୍ୟ ସରକାର ଏକ ନୂତନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ କେ.ଜି ରୁ ପି.ଜି ପର୍ଯ୍ୟନ୍ତ ଓଡିଶାର ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାପ୍ରଦାନ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ଏଥିରେ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ କୌଣସି ଦେୟ ପଡିବ ନାହିଁ। ବୁଧବାର ଦିନ ରାଜ୍ୟ କ୍ୟାବିନେଟର ୪୩ତମ ବୈଠକରେ ଜ୍ଞାନୋଦୟ- ଶିକ୍ଷାରୁ ସମୃଦ୍ଧିକୁ ଅନୁମୋଦନ ମିଳିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଏହି ଐତିହାସିକ ନିଷ୍ପତି ଦ୍ୱାରା ରାଜ୍ୟର ଜଣେ ବି ଛାତ୍ର କିମ୍ବା ଛାତ୍ରୀ ଆଉ ଆର୍ଥିକ ଅଭାବ କାରଣରୁ ଶିକ୍ଷାରୁ ବଂଚିତ ହେବେ ନାହିଁ। କିମ୍ବା ପାଠପଢା ମଝିରୁ ପାଠ ଛାଡିବେ ନାହିଁ। ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତିକ ଏବଂ ସୁଲଭ କରିବା ପାଇଁ ଏହା ଏକ ଐତିହାସିକ ପଦକ୍ଷେପ। ଏହି ଯୋଜନା ଅଧୀନରେ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକରେ ନିୟମିତ ବା ରେଗୁଲାର୍ ପାଠ୍ୟକ୍ରମରେ ନାମ ଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ନାମଲେଖା ଫି' ଛାଡ଼ କରାଯିବ। ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ ଏହା କାର୍ଯ୍ୟକାରୀ ହେବ। ଏହି ଯୋଜନାରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ନବମରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସମେତ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ନିୟମିତ ଭାବେ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଓଡ଼ିଶାରେ କିଣ୍ଡରଗାର୍ଟେନ୍ ବା କେଜିରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପୂର୍ବରୁ ଦେୟମୁକ୍ତ ଥିଲା। ଆର୍ଥିକ ଅଭାବ ଅନାଟନ ଯୋଗୁଁ ଯେପରି କୌଣସି ଯୋଗ୍ୟ ଛାତ୍ରଛାତ୍ରୀ ଶିକ୍ଷାରୁ ବଚିଂତ ନ ହୁଅନ୍ତି, ତାହା ନିଶ୍ଚିତ କରିବା ପାଇଁ ଏହି ଯୋଜନାର ପରିକଳ୍ପନା କରାଯାଇଛି।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ଜିଲ୍ଲା ସଡ଼କ ସୁରକ୍ଷା କମିଟି ଓ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସ ସମୀକ୍ଷା ବୈଠକ



ଝାରସୁଗୁଡ଼ା,୨/୭(ନି/ପ୍ର): ଜିଲ୍ଲାରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପଦକ୍ଷେପ ଏବଂ କାର୍ଯ୍ୟକ୍ରମର ଅଗ୍ରଗତି ତଥା କାର୍ଯ୍ୟକାରିତାର ସମୀକ୍ଷା ଉଦ୍ଦେଶ୍ୟରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ଏବଂ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସର ସମୀକ୍ଷା ବୈଠକ ଆଜି ଝାରସୁଗୁଡ଼ା କଲେକ୍ଟରେଟ୍ ସ୍ଥିତ ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କୁଣାଲ ମୋତିରାମ ଚଓ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଡିଏସ୍ପି ମଧୁ ହାନ୍ସଦା, ଆଂଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ଆଇଏମ୍ପି ଅମିୟ ରଞ୍ଜନ ପାତ୍ର, ସହକାରୀ ଆଂଚଳିକ ପରିବହନ ଅଧିକାରୀ ତପନ କୁମାର ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାପାଳ ଶ୍ରୀ ଚଓ୍ୱାଣ ଜିଲ୍ଲାରେ ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ ପାଇଁ ସମସ୍ତ ବିଭାଗ ଓ ସମ୍ପୃକ୍ତ ସଂସ୍ଥା ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ବିସ୍ତୃତ ଆଲୋଚନା ପରେ ବିଭିନ୍ନ ନିଷ୍ପତି ଗ୍ରହଣ କରାଯାଇଥିଲା । ଜିଲ୍ଲାରେ ଯାନଚଳାଚଳକୁ ସୁଗମ କରିବା ଏବଂ ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ରାସ୍ତା ପାର୍ଶ୍ୱରେ ବେଆଇନ ଭାବେ ଗାଡ଼ି ପାର୍କିଂ ବିରୋଧରେ କଡ଼ା ଧରଣର ଏନଫୋର୍ସମେଂଟ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ଆଂଚଳିକ ପରିବହନ ଅଧିକାରୀ, ଝାରସୁଗୁଡ଼ାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲାର ସମସ୍ତ ଶିଳ୍ପ ସଂସ୍ଥାକୁ ସେମାନଙ୍କ ଅଧୀନସ୍ଥ ରାସ୍ତା ପାର୍ଶ୍ୱ ଅଂଚଳରେ ନିୟମିତ ଭାବେ ଡି-ଡଷ୍ଟିଂ ଓ ସଫେଇ କାର୍ଯ୍ୟ କରି ଧୂଳି ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପରିବେଶ ପରିଚ୍ଛନ୍ନତା ବଜାୟ ରଖିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ଇବ ନଦୀ ବ୍ରିଜ୍ ନିକଟରେ ବ୍ରେକ୍ଡାଉନ୍ ହୋଇଥିବା ଯାନବାହନଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ଆବଶ୍ୟକ ସମୟରେ କ୍ରେନ୍ ସେବା ଉପଲବ୍ଧ କରାଇବାକୁ ଏନ୍ଏଚ୍ଏଆଇ, ସମ୍ବଲପୁର ଏବଂ ଓଏମ୍ସିଏଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରସନ୍ନ ପଣ୍ଡା ଛକରୁ ଓଏଭି, ଏଚ୍. କଂଟାପାଲି ପର୍ଯ୍ୟନ୍ତ ହାର୍ଡ ପ୍ଲାଷ୍ଟିକ୍ ରମ୍ବଲ୍ ଷ୍ଟ୍ରିପ୍ (ସ୍ପିଡ୍ ବ୍ରେକ) ସ୍ଥାପନ କରିବା ସହ କୁଡ଼ାଲୋଇ ଛକରେ ଏକ ହାଇମାଷ୍ଟ ଲାଇଟ୍ ସ୍ଥାପନ କରି ସଡ଼କ ଦୁର୍ଘଟଣା ରୋକିବାକୁ ଏନ୍ଏଚ୍ଏଆଇ, ସମ୍ବଲପୁରକୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରସନ୍ନ ପଣ୍ଡା ଛକରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ରମ୍ବଲ୍ ଷ୍ଟ୍ରିପ୍ ସ୍ଥାପନ ଏବଂ ଆର୍ଟିଓ ଛକରୁ ଆଇବି ବ୍ରିଜ୍ ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ, ଏନ୍ଏଚ୍ଏଆଇ ଓ ଆଂଚଳିକ ପରିବହନ ଅଧିକାରୀଙ୍କୁ ମିଳିତ ଭାବେ ସ୍ଥଳ ପରିଦର୍ଶନ କରିବାକୁ ଜିଲ୍ଲାପାଳ ଶ୍ରୀ ଚଓ୍ୱାଣ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ପାର୍ଶ୍ୱରେ ବେଆଇନ ଭାବେ ସ୍ଥାପିତ ଧାବା, ବ୍ୟବସାୟିକ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଅତିକ୍ରମଣ ବିରୋଧରେ ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲ୍ଲାପାଳ, ଝାରସୁଗୁଡ଼ାଙ୍କ ନିକଟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଏନ୍ଏଚ୍ଏଆଇ, ସମ୍ବଲପୁର ଏବଂ ରାଜ୍ୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିସହ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ବ୍ରେକ୍ଡାଉନ୍ ଯାନବାହନକୁ ଶୀଘ୍ର ଅପସାରଣ ପାଇଁ ଆବଶ୍ୟକ କ୍ରେନ୍ ଯୋଗାଇ ଦେବାକୁ ଅନୁରୋଧ କରି ପରିବହନ କମିଶନର, ଓଡ଼ିଶାଙ୍କ ନିକଟକୁ ପଠାଇବା ପାଇଁ ଏକ ପ୍ରସ୍ତାବିତ ପତ୍ର ପ୍ରସ୍ତୁତ କରିବାକୁ ଆଂଚଳିକ ପରିବହନ ଅଧିକାରୀ, ଝାରସୁଗୁଡ଼ାଙ୍କୁ ଜିଲ୍ଲାପାଳ ଶ୍ରୀ ଚଓ୍ୱାଣ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ସଡ଼କ ସୁରକ୍ଷାକୁ ଜନଆନ୍ଦୋଳନର ରୂପ ଦେବା ସହ ସମସ୍ତ ସମ୍ପୃକ୍ତ ବିଭାଗ ପରସ୍ପର ସମନ୍ୱୟ ରକ୍ଷା କରି ନିଷ୍ପତିଗୁଡ଼ିକର ତ୍ୱରିତ ଓ ପ୍ରଭାବଶାଳୀ କାର୍ଯ୍ୟକାରିତା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ଆହ୍ୱାନ ଜଣାଇଥିଲେ ।

# ଏନଏସଡିରେ ସ୍ଥାନ ପାଇ ଓଡ଼ିଶା ପାଇଁ ଇତିହାସ ରଚିଲେ ସୋନିଆ ବେହେରା

ଝାରସୁଗୁଡ଼ା,୨/୭(ନି/ପ୍ର): ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମା (ଏନଏସଡି), ନୂଆଦିଲ୍ଲୀର ତିନିବର୍ଷିଆ ନାଟ୍ୟ ପାଠ୍ୟକ୍ରମ ପାଇଁ ମନୋନୀତ ହୋଇ ଓଡ଼ିଶା ପାଇଁ ନୂଆ ଇତିହାସ ସୃଷ୍ଟି କରିଥିବା କୁମାରୀ ସୋନିଆ ବେହେରାଙ୍କୁ ମଙ୍ଗଳବାର ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ ତାଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିଛନ୍ତି । ସୋନିଆ ବେହେରା ଏନଏସଡିରେ ମନୋନୀତ ହେବାରେ ଓଡ଼ିଶାର ପ୍ରଥମ ମହିଳା ହୋଇଥିବା ସହ ଏହି ସମ୍ମାନଜନକ ନାଟ୍ୟ ପାଠ୍ୟକ୍ରମରେ ଯୋଗଦେଉଥିବା ପ୍ରଥମ ଓଡ଼ିଆ ଝିଅ ଭାବେ ଗୌରବ ଅର୍ଜନ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଚୌହାନ ସୋନିଆଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ, ସୋନିଆଙ୍କ ଏହି ସଫଳତା କେବଳ ଝାରସୁଗୁଡ଼ା ଜିଲ୍ଲାର ନୁହେଁ, ବରଂ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ । ତାଙ୍କ ଏହି ସଫଳତା ରାଜ୍ୟର ଅନ୍ୟ ଯୁବପିଢ଼ିଙ୍କୁ ନାଟ୍ୟକଳା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ ବୋଲି ସେ ମତ ପ୍ରକାଶ କରିଥିଲେ । ଆଗାମୀ ଦିନରେ ସୋନିଆ ଜାତୀୟ ସ୍ତରରେ ନିଜ ପ୍ରତିଭାର ସଫଳ ପ୍ରଦର୍ଶନ କରି ରାଜ୍ୟ ଓ ଦେଶର ନାମକୁ ଅଧିକ ଉଜ୍ଜ୍ୱଳ କରିବେ ବୋଲି ଜିଲ୍ଲାପାଳ ଆଶା ବ୍ୟକ୍ତ କରିଥିଲେ । ଶେଷରେ ସେ ସୋନିଆଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । ଆପଣ ଚାହିଁଲେ ଏହାକୁ ଆହୁରି ସଂକ୍ଷିପ୍ତ, ଦୈନିକ ଖବରକାଗଜ ଶୈଳୀରେ କିମ୍ବା ଆକର୍ଷଣୀୟ ବ୍ୟାନର ଶୀର୍ଷକ ସହ ମଧ୍ୟ ପ୍ରସ୍ତୁତ କରିପାରିବି ।

# ଧାର୍ଯ୍ୟ ତାରିଖ ପୂର୍ବରୁ ସରିଲା ଏସ୍ଆଇଆର୍ ଫର୍ମ ଗ୍ରହଣ ଓ ଡିଜିଟାଇଜେସନ୍

ସମ୍ବଲପୁର,୨/୭(ନି/ପ୍ର): ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଫର୍ମ ଗ୍ରହଣ, ଦାଖଲ ଓ ଡିଜିଟାଇଜେସନ୍ ଅବଧି ୨୮ ଜୁନ୍ ପର୍ଯ୍ୟନ୍ତ ଥିବା ସତ୍ତ୍ୱେ ସମ୍ବଲପୁର ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଡ. ପୁଷ୍ପାଞ୍ଜଳି ପଣ୍ଡାଙ୍କ ପ୍ରତ୍ୟେକ୍ଷ ତଦାରଖରେ ସମସ୍ତ ୧୯୭ ବୁଥ୍‌ର ଶତପ୍ରତିଶତ ଡିଜିଟାଇଜେସନ୍ କାର୍ଯ୍ୟ ୨୩.୦୬.୨୦୨୬ ରିଖରେ ସଫଳତା ପୂର୍ବକ ସମ୍ପୂର୍ଣ୍ଣ ହୋଇସାରିଛି । ଉକ୍ତ ପ୍ରକ୍ରିୟାରେ ମୋଟ୍ ୨,୧୩,୦୦୦ ଜଣ ନିର୍ବାଚକଙ୍କ ତଥ୍ୟ ଡିଜିଟାଇଜେସନ୍ କରାଯାଇଛି । ୨୪ ଓ ୨୫ ଦୁଇଦିନ ଧରି ସମ୍ବଲପୁର ବିଧାନସଭା କ୍ଷେତ୍ରରେ ସମସ୍ତ ବୁଥ୍ ସ୍ତରରେ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବିଏଲ୍ଓ, ବିଏଲ୍ଓ ସୁପରଭାଇଜର, ଏଇଆର୍ଓ ମିଶି ଏଏସ୍ଡି ଭୋଟର୍ ଲିଷ୍ଟର ପୁନଃ ଯାଂଚ କାର୍ଯ୍ୟ କରୁଛନ୍ତି । ଆସନ୍ତା ୦୫.୦୭.୨୦୨୬ ତାରିଖରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶନ କରାଯିବାକୁ ଥିବାବେଳେ ୦୫.୦୭.୨୦୨୬ରୁ ୦୪.୦୮.୨୦୨୬ ମଧ୍ୟରେ ଭୋଟରଙ୍କ ଠାରୁ ଦାବି ଓ ଆପତି ଗ୍ରହଣର ସମୟସୀମା ସମ୍ବନ୍ଧରେ ସର୍ବସାଧାରଣଙ୍କୁ ଅବଗତ କରାଯାଉଛି ।

# ବ୍ରଜରାଜନଗରରେ ୩.୩୨୦ କେଜି ଗଞ୍ଜେଇ ଜବତ : ୧ ମାଦକ ବ୍ୟବସାୟୀ ଗିରଫ



ଝାରସୁଗୁଡ଼ା,୨/୭(ନି/ପ୍ର): ମାଦକ ଦ୍ରବ୍ୟ କାରବାର ବିରୋଧରେ ବ୍ରଜରାଜନଗର ପୋଲିସ ଏକ ବଡ଼ ସଫଳତା ହାସଲ କରିଛି । ରବିବାର ରାମପୁର ଫାଣ୍ଡି ଅଧୀନ ରାମପୁର କୋଲିୟାରୀ ଛକ ନମ୍ବର-୫ ନିକଟରେ ନିୟମିତ ଗାଡ଼ି ଯାଂଚ୍ ବେଳେ ପୋଲିସ ୩ କେଜି ୩୨୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣେ ମାଦକ ବ୍ୟବସାୟୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ପବନ ପ୍ରଧାନ (୫୧) । ସେ ଏକ ହିରୋ ସ୍ପ୍ଲେଣ୍ଡର ମୋଟରସାଇକେଲ ନମ୍ବର (ଓଡି-୨୩-ସି-୩୩୪୪) ଯୋଗେ ଗଞ୍ଜେଇ ପରିବହନ କରୁଥିବା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ । ଉପ-ନିରୀକ୍ଷକ (ଏସ୍ଆଇ) ସୁଦର୍ଶନ ବେହେରାଙ୍କ ନେତୃତ୍ୱରେ ପୋଲିସ ଦଳ ପକ୍ଷରୁ ଏହି ଚଢ଼ଉ କରାଯାଇଥିଲା । ଏନ୍ଡିପିଏସ୍ ଆଇନ ଅନୁଯାୟୀ ସମସ୍ତ ଆବଶ୍ୟକ ଆଇନଗତ ପ୍ରକ୍ରିୟା, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଓ ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ତଲାସୀ କରାଯାଇଥିଲା । ଚଢ଼ଉ ସମୟରେ ପୋଲିସ ୩.୩୨୦ କେଜି ଗଞ୍ଜେଇ, ଏକ ହିରୋ ସ୍ପ୍ଲେଣ୍ଡର ମୋଟରସାଇକେଲ, ଏକ ରିଅଲମି ମୋବାଇଲ ଫୋନ, ୪୫୦ ଟଙ୍କା ନଗଦ, ଗଞ୍ଜେଇ ପ୍ୟାକିଂ ସାମଗ୍ରୀ ସମେତ ଅନ୍ୟାନ୍ୟ ଆପତିଜନକ ସାମଗ୍ରୀ ଜବତ କରିଛି । ଏହି ଘଟଣାରେ ଏନ୍ଡିପିଏସ୍ ଆଇନ, ୧୯୮୫ର ଧାରା ୨୦(ବି)(ସସ)(ବି) ଅନୁଯାୟୀ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗଞ୍ଜେଇର ଉତ୍ସ ଓ ଏହା ସହ ଜଡ଼ିତ ଚୋରା ଚାଲାଣ ନେଟୱାର୍କର ଖୋଜ ପାଇଁ ପୋଲିସ ଅଧିକ ତଦନ୍ତ ଜାରି ରଖିଛି । ଝାରସୁଗୁଡ଼ା ପୋଲିସ ମାଦକ ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ରୋକିବା ପାଇଁ କଠୋର ପଦକ୍ଷେପ ଓ ଗୁଇନ୍ଦା ଭିତିକ ଅଭିଯାନ ଜାରି ରଖିବ ବୋଲି କହିଛି । ଏଥିସହ ସାଧାରଣ ଲୋକଙ୍କୁ ମାଦକ କାରବାର ସମ୍ପର୍କିତ ସୂଚନା ପୋଲିସକୁ ଯୋଗାଇବାକୁ ଆହ୍ୱାନ କରିଛି । ସୂଚନାଦାତାଙ୍କ ପରିଚୟ ସମ୍ପୂର୍ଣ୍ଣ ଗୋପନୀୟ ରଖାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ଆସନ୍ତା ଖରିଫ-୨୦୨୬ ପାଇଁ ଝାରସୁଗୁଡା ଜିଲ୍ଲା କୃଷି ରଣନୀତି ବୈଠକ

## ଏଲ୍-ନିନୋ ଜନିତ ସମ୍ଭାବ୍ୟ ସ୍ୱଳ୍ପ ବର୍ଷା ପରିସ୍ଥିତିକୁ ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତି ଉପରେ ଗୁରୁତ୍ୱ



ଝାରସୁଗୁଡ଼ା,୨/୭(ନି/ପ୍ର): ଝାରସୁଗୁଡା ଜିଲ୍ଲାରେ ଆସନ୍ତା ଖରିଫ-୨୦୨୬ ଋତୁ ପାଇଁ ଜିଲ୍ଲା କୃଷି ରଣନୀତି ବୈଠକ ଜିଲ୍ଲାପାଳ, ଝାରସୁଗୁଡା କୁଣକ୍ଷଲ ମୋତିରାମ ଚଓ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ଝାରସୁଗୁଡା ଚଳିତ ଖରିଫ ଋତୁ ପାଇଁ ଜିଲ୍ଲାର କୃଷି ରଣନୀତି ସମ୍ପର୍କରେ ସବିଶେଷ ବିବରଣୀ ଉପସ୍ଥାପନ ପ୍ରଦାନ କରିଥିଲେ । ଏହି ବୈଠକରେ ସମବାୟ ବିଭାଗର ଉପ-ନିବନ୍ଧକ, କୃଷି ବିଜ୍ଞାନ କେନ୍ଦ୍ର (କଠକ)ର ବୈଜ୍ଞାନିକ, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ, ଜଳସେଚନ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଉପସ୍ଥାପନା ସମୟରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସମ୍ଭାବ୍ୟ ଏଲ୍-ନିନୋ ପ୍ରଭାବ ଏବଂ ସ୍ୱଳ୍ପ ବର୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାର ପ୍ରସ୍ତୁତି ଯୋଜନା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ଏଥିରେ ବିହନ ସଂରକ୍ଷଣ ନୀତି, କମ୍ୟୁନିଟି ନର୍ସରୀ ସ୍ଥାପନ, ବିରି ଓ ମୁଗ ଭଳି ଅଣଧାନ ଫସଲର ବିହନ ମହଜୁଦ ଏବଂ ଗ୍ରାମ ପଂଚାୟତ ସ୍ତରରେ କୃଷକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଭଳି ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଉପସ୍ଥାପନା ପରେ ଜିଲ୍ଲାପାଳ ଶ୍ରୀ ଚଓ୍ୱାଣ ସମ୍ଭାବ୍ୟ ଏଲ୍-ନିନୋ ଜନିତ ସ୍ୱଳ୍ପ ବର୍ଷା ପରିସ୍ଥିତିକୁ ସଫଳତାର ସହ ସାମ୍ନା କରିବା ପାଇଁ କୃଷି ବିଭାଗ ଓ ଜଳସେଚନ ବିଭାଗ ମଧ୍ୟରେ ଘନିଷ୍ଠ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ସେ ଚାଷୀମାନଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ସମ୍ପୃକ୍ତ ବିଭାଗ ମିଳିତ ଭାବେ କାର୍ଯ୍ୟକରି ସମସ୍ତ ପ୍ରସ୍ତୁତି ଯୋଜନାକୁ ସମୟୋପଯୋଗୀ ଭାବେ କାର୍ଯ୍ୟକାରୀ କରିବାକୁ ଆହ୍ୱାନ ଜଣାଇଥିଲେ । ବୈଠକରେ ଖରିଫ-୨୦୨୬ ଋତୁ ପାଇଁ କୃଷକମାନଙ୍କୁ ଆବଶ୍ୟକୀୟ କୃଷି ଆଦାନ ସମୟରେ ଯୋଗାଣ, ବୈଜ୍ଞାନିକ ଚାଷ ପଦ୍ଧତିର ପ୍ରସାର, ବିକଳ୍ପ ଫସଲ ଚାଷକୁ ପ୍ରୋତ୍ସାହନ ଏବଂ ସମ୍ଭାବ୍ୟ ପ୍ରତିକୂଳ ପାଣିପାଗ ପରିସ୍ଥିତିର ମୁକାବିଲା ପାଇଁ ସମନ୍ୱିତ କାର୍ଯ୍ୟଯୋଜନା ଅନୁଯାୟୀ ପଦକ୍ଷେପ ଗ୍ରହଣ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା ।

# ଲଗାଣ ବର୍ଷା : ରାଜ୍ୟର ସମସ୍ତ ପୌରାଂଚଳରେ ହାଇ ଆଲର୍ଟ

## ସକ୍ରିୟ ହେଲା ସହର ସାଥୀ-୧୯୨୯ ହେଲ୍‌ପଲାଇନ୍



ଭୁବନେଶ୍ୱର,୨/୭(ନି/ପ୍ର): ରାଜ୍ୟରେ ଲଗାଣ ମୌସୁମୀଜନିତ ଲଗାଣ ବର୍ଷା ଜାରି ରହିଛି । ସହରାଂଚଳରେ ଜଳବନ୍ଦୀ ଓ ଜଳ ଜମିରହିବା ଆଶଙ୍କା ସୃଷ୍ଟି ହୋଇଛି । ଏହାକୁ ଦୃଷ୍ଟିରେ ରଖି ସମସ୍ତ ପୌରାଂଚଳ (ୟୁଏଲ୍‌ବି)କୁ ସତର୍କ (ହାଇ ଆଲର୍ଟ) ରହିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଜନସାଧାରଣଙ୍କ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ସହରାଂଚଳ ଅଭିଯୋଗ ନିବାରଣ ହେଲ୍ ?ପଲାଇନ 'ସହର ସାଥୀ-୧୯୨୯'କୁ ସକ୍ରିୟ କରାଯାଇଛି । ଜଳବନ୍ଦୀ, ଡ୍ରେନେଜ୍ ସମସ୍ୟା କିମ୍ବା ଅନ୍ୟାନ୍ୟ ନାଗରିକ ସମସ୍ୟା ନେଇ ଲୋକେ ଏହି ହେଲ୍ ?ପଲାଇନରେ ଅଭିଯୋଗ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏନେଇ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମ, ପୌରପାଳିକା ଏବଂ ବିଜ୍ଞାପିତ ଅଚଂଳ ପରିଷଦକୁ ଏକ ପରାମର୍ଶ ଜାରି କରିଛି । ଚିହ୍ନଟ ହୋଇଥିବା ହଟ୍‌ସ୍ପଟ୍ ଓ ନିମ୍ନାଂଚଳରେ ଜଳବନ୍ଦୀ ଏବଂ ଜଳ ଜମିବାକୁ ରୋକିବା ପାଇଁ ସମସ୍ତ ପ୍ରତିଷେଧକ ପଦକ୍ଷେପ ନେବାକୁ କୁହାଯାଇଛି । ବିଭାଗ ପକ୍ଷରୁ ସମସ୍ତ ୟୁଏଲ୍ ?ବିକୁ ଚବିଶ ଘ[ିଆ ପରିସ୍ଥିତି ନିରୀକ୍ଷଣ, ରାପିଡ୍ ଆକ୍ସନ ଟିମ୍‌ଗୁଡ଼ିକୁ ପୂର୍ଣ୍ଣ ସକ୍ରିୟ ରଖିବା, ପମ୍ପ ଓ ଡି-ୱାଟରିଂ ଉପକରଣକୁ କାର୍ଯ୍ୟକ୍ଷମ ରଖିବା ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି । ପୌର ଅଧିକାରୀ, ଯନ୍ତ୍ରୀ ଏବଂ ପରିମଳ କର୍ମଚାରୀମାନଙ୍କୁ କ୍ଷେତ୍ର ପରିଦର୍ଶନ ବଢ଼ାଇ ଜଳ ଜମିବା, ନାଳ ଅବରୋଧ, ସମସ୍ୟା ଓ ଗଛ ଉପୁଡ଼ିବା ଭଳି ଘଟଣାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟରେ ବର୍ଷାଜନିତ ସ୍ଥିତି ଉପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିରନ୍ତର ନଜର ରଖିଥିବାବେଳେ ସହରା ଁଳବାସୀଙ୍କ ସୁରକ୍ଷା ଏବଂ ନିରବଚ୍ଛିନ୍ନ ନାଗରିକ ସେବା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ବିଭାଗ ସ୍ପଷ୍ଟ କରିଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ କାର୍ଯ୍ୟାଳୟରୁ ଜାରି ସୂଚନାନୁସାରେ, ମନ୍ତ୍ରୀ ଡ଼ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ବର୍ଷାଋତୁରେ ନାଗରିକଙ୍କ ସୁରକ୍ଷା ଓ ନିରବଚ୍ଛିନ୍ନ ନାଗରିକ ସେବା ଯୋଗାଣ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା । ତେଣୁ ଜରୁରୀ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସମସ୍ତ ପୌରପ୍ରଶାସନ ସଜାଗ ଓ ସତର୍କ ରହିବା ଆବଶ୍ୟକ ।

# ଷ୍ଟିୱାର୍ଡ ଅଶ୍ୱିନୀଙ୍କ ସମ୍ପତି ତଲାସୀରେ ୩ କୋଠାଘର, ଗୋଟିଏ ଷ୍ଟୋର ରୁମ୍ ଓ ୧୦ ମୂଲ୍ୟବାନ ପ୍ଲଟ୍ ଠାବ

ସମ୍ବଲପୁର,୨/୭(ନି/ପ୍ର): ସମ୍ବଲପୁର ଭିମସାରର ସୁପରିଟେଣ୍ଡେଂଟ କାର୍ଯ୍ୟାଳୟର ଷ୍ଟିୱାର୍ଡ ଅଶ୍ୱିନୀ ମେହେରଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଚାଲିଥିବା ତଲାସୀ ବେଳେ ଅଚଳାଚଳ ସମ୍ପତି ଠାବ ହୋଇଛି । ଭିଜିଲାନ୍ସ ସୂଚନା ଅନୁଯାୟୀ, ଅଶ୍ୱିନୀ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଅଦ୍ୟାବଧି ପ୍ରାୟ ୬,୫୦୦ ବର୍ଗଫୁଟ୍ ବିଶିଷ୍ଟ ନିର୍ମାଣାଧୀନ ଚାରି ମହଲା କୋଠା ସମ୍ବଲପୁର ଜିଲ୍ଲା ବୁର୍ଲାର ସୌରଭ ବିହାରରେ ଠାବ ହୋଇଛି । ଏହା ବ୍ୟତୀତ ବୁର୍ଲା କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଗୋଟିଏ କୋଠାଘର, ବରଗଡ଼ ଜିଲ୍ଲାର ଗୋବିନ୍ଦପାଲିରେ ଆଉ ଗୋଟିଏ କୋଠାଘର ଏବଂ ବୁର୍ଲା ସହରରେ ଗୋଟିଏ ଷ୍ଟୋର ରୁମ୍ ମଧ୍ୟ ଠାବ କରାଯାଇଛି । ସେହିପରି ମୋଟ ୧୦ଟି ମୂଲ୍ୟବାନ ପ୍ଲଟ୍ ଠାବ ହୋଇଛି । ସେଥିମଧ୍ୟରୁ ବୁର୍ଲାରେ ୬ଟି, ସମ୍ବଲପୁରରେ ୨ଟି ଏବଂ ବରଗଡ଼ରେ ୨ଟି ପ୍ଲଟ୍ ରହିଥିବା ଜଣାପଡିଛି । ଏହି ସମସ୍ତ କୋଠାଘର, ପ୍ଲଟ୍ ଓ ଷ୍ଟୋର ରୁମ୍ ର ମାପଜୋଖ ଓ ମୂଲ୍ୟାୟନ କାର୍ଯ୍ୟ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ଜାରି ରହିଛି । ଏଥିସହ ବ୍ୟାଙ୍କ ଜମା, ଡାକଘର ସଂଚୟ ଏବଂ ଅନ୍ୟାନ୍ୟ ଆର୍ଥିକ ନିବେଶର ତଥ୍ୟ ସଂଗ୍ରହ କରାଯାଉଥିବା ବେଳେ, ୨ଟି ଦୁଇଚକିଆ ଯାନ ମଧ୍ୟ ଠାବ କରାଯାଇଛି । ଭିଜିଲାନ୍ସ ବିଭାଗର ତଲାସୀ ଏବେ ବି ଜାରି ରହିଛି ।

# ନୂଆପଡ଼ାରେ ଡୁଡା ସମୀକ୍ଷା ବୈଠକ:

## ନଗର ଉନ୍ନୟନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଜିଲ୍ଲାପାଳଙ୍କ ସମୀକ୍ଷା

ନୂଆପଡ଼ା, ୨/୭(ନି/ପ୍ର): ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା(ଡୁଡା)ର ସମୀକ୍ଷା ବୈଠକ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଗୁରୁତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ । ବୈଠକରେ ନୂଆପଡ଼ା, ଖଡ଼ିଆଳ ଓ ଖରିଆର ରୋଡ୍ ଏନ୍ଏସିର ବିଭିନ୍ନ ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟର ପ୍ରଗତି ସମୀକ୍ଷା କରାଯାଇଥିଲା । ଏନଏସିଗୁଡ଼ିକର ଆର୍ଥିକ ସ୍ଥିତି, ବିଭିନ୍ନ ଅନୁଦାନର ବ୍ୟବହାର, ୟୁସି ଦାଖଲ, ରାଜସ୍ୱ ସଂଗ୍ରହ, ଘନ ବର୍ଜ୍ୟ ପରିଚାଳନା, ସ୍ୱଚ୍ଛ ଭାରତ ମିଶନ, ପିଏମ୍ଏୱାଇ, ପିଏମ୍ଏୱାଇ ୨.୦, ସହଯୋଗ, ମୋ ପୋଖରୀ, ମଲ୍ଟିପର୍ପୋଜ ହଲ୍ ଓ ପିଏମ୍ ସ୍ୱନିଧି ଯୋଜନାର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା । ସମୀକ୍ଷାରେ ଜଣାପଡ଼ିଥିଲା ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଂଚଳ)ରେ ନୂଆପଡ଼ା ଏନ୍ଏସିରେ ୧୬୩୨ଟି, ଖଡ଼ିଆଳ ଏନ୍ଏସିରେ ୩୨୧୭ଟି ଓ ଖରିଆର ରୋଡ୍ ଏନ୍ଏସିରେ ୧୨୩୪ଟି ଘର ସମ୍ପୂର୍ଣ୍ଣ ହୋଇଛି । ବର୍ଜ୍ୟ ପରିଚାଳନା ଅଧୀନରେ ନୂଆପଡ଼ା ଏନ୍ଏସିର ୧୪ଟି, ଖଡ଼ିଆଳର ୧୩ଟି ଓ ଖରିଆର ରୋଡର ୧୯ଟି ୱାର୍ଡରେ ଘରକୁ ଘର ବର୍ଜ୍ୟ ସଂଗ୍ରହ ଓ ପୃଥକୀକରଣ କାର୍ଯ୍ୟ ଚାଲିଛି । ଜିଲ୍ଲାପାଳ ରାଜସ୍ୱ ସଂଗ୍ରହ ବୃଦ୍ଧି, ଯୋଜନାଗୁଡ଼ିକର ସମୟୋପଯୋଗୀ କାର୍ଯ୍ୟାନ୍ୱୟନ ଓ ଜନସେବାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ବୈଠକ ଅବସରରେ ଉତମ ଟ୍ୟାକ୍ସ ସଂଗ୍ରହ କରିଥିବା ତିନି ଜଣ ଟ୍ୟାକ୍ସ ସଂଗ୍ରାହକଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ । ବୈଠକରେ ନୂଆପଡ଼ା ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ଖଡ଼ିଆଳ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା, ଖରିଆର ରୋଡ୍ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥଙ୍କ ସମେତ ଡୁଡା କର୍ମଚାରୀ, ମ୍ୟୁନିସିପାଲ ଇଞ୍ଜିନିୟର, କର୍ମଚାରୀ ଓ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବଲାଙ୍ଗୀରରେ ନାମଲେଖା ଓ ପ୍ରଶିକ୍ଷଣ ପାଇଁ ଶୁଭାରମ୍ଭ ହେଲା ଯାତ୍ରା

ଝାରସୁଗୁଡ଼ା,୨/୭(ନି/ପ୍ର):ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚଓ୍ୱକ୍ଷଣଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ବ୍ଲକ ଏବଂ ମୁନିସିପାଲିଟି ଅଂଚଳରୁ ଚୟନୀତ ୨୦ ଜଣ ପିତୃମାତୃହୀନ ଛାତ୍ରଛାତ୍ରୀ ଆଜି ରାଜ୍ୟର ପ୍ରମୁଖ ଆତିଥ୍ୟ ଓ ହୋଟେଲ ପରିଚାଳନା ପ୍ରଶିକ୍ଷଣ ପ୍ରତିଷ୍ଠାନ ଷ୍ଟେଟ୍ ଇନଷ୍ଟିଟ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଟ (ଏସଆଇଏଚଏମ), ବଲାଙ୍ଗୀରରେ ନାମଲେଖା ଓ ପ୍ରଶିକ୍ଷଣ ଗ୍ରହଣ ପାଇଁ ଯାତ୍ରା ଆରମ୍ଭ କରିଛନ୍ତି । ଆତିଥ୍ୟ ଓ ପର୍ଯ୍ୟଟନ କ୍ଷେତ୍ରରେ ଦକ୍ଷତା ଅର୍ଜନ କରି ସ୍ୱାବଲମ୍ବୀ ହେବାର ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଚୟନୀତ ଛାତ୍ରଛାତ୍ରୀମାନଙ୍କୁ ଏସ ଆଇ ଏଚ ଏମ ବଲାଙ୍ଗୀର ପଠାଯାଇଛି । ଏହି ଅବସରରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ସେ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କ ନିଷ୍ଠା, ଅଧ୍ୟବସାୟ ଓ ପରିଶ୍ରମର ସହିତ ପ୍ରଶିକ୍ଷଣ ଗ୍ରହଣ କରି ଆତିଥ୍ୟ ଓ ପର୍ଯ୍ୟଟନ କ୍ଷେତ୍ରରେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ସହିତ ଝାରସୁଗୁଡ଼ା ଜିଲ୍ଲାର ଗୌରବ ବୃଦ୍ଧି କରିବେ ବୋଲି କାମନା କରିଥିଲେ । ଏହି ସମଗ୍ର କାର୍ଯ୍ୟକ୍ରମ ଜିଲ୍ଲା ଦକ୍ଷତା ବିକାଶ ତଥା କର୍ମନିଯୋଜନ ଅଧିକାରୀ ସଙ୍ଗୀତା ମେହେରଙ୍କ ସମନ୍ୱୟରେ ସମ୍ପାଦିତ ହୋଇଥିଲା । ସେହିପରି ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଚୂଡ଼ାମଣି ପଣ୍ଡା ନିଜେ ଛାତ୍ରଛାତ୍ରୀମାନଙ୍କ ସହ ବଲାଙ୍ଗୀର ଯାଇ ସେମାନଙ୍କ ନାମଲେଖା ପ୍ରକ୍ରିୟାକୁ ସୁନିଶ୍ଚିତ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏହି ୨୦ ଜଣ ଛାତ୍ରଛାତ୍ରୀ ରାଜ୍ୟ ସରକାରଙ୍କ ପ୍ରଚଳିତ ଯଶୋଦା ଯୋଜନା, ଗ୍ରୀନ୍ ପ୍ୟାସେଜ୍ ଯୋଜନା ଏବଂ ଦକ୍ଷତା ବିକାଶ ଯୋଜନା ଭଳି ତିନୋଟି ଗୁରୁତ୍ୱପୂର୍ଣ୍ଣ ଯୋଜନାରୁ ଉପକୃତ ହୋଇ ଭବିଷ୍ୟତରେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଜିଲ୍ଲା ପ୍ରଶାସନ ସୁନିଶ୍ଚିତ କରିଛନ୍ତି । ଦକ୍ଷତା ବିକାଶ, ଗୁଣାତ୍ମକ ପ୍ରଶିକ୍ଷଣ ଏବଂ ରୋଜଗାରମୁଖୀ ଶିକ୍ଷା ମାଧ୍ୟମରେ ପିତୃମାତୃହୀନ ତଥା ଅସହାୟ ଯୁବପିଢ଼ୀଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ଏହି ପଦକ୍ଷେପ ଏକ ଉଲ୍ଲେଖନୀୟ ଏବଂ ମାନବିକ ପ୍ରୟାସ । ଏହା ମାଧ୍ୟମରେ ଏହି ଛାତ୍ରଛାତ୍ରୀମାନେ ନିଜ ଜୀବନରେ ସଫଳତା ହାସଲ କରିବା ସହ ରାଜ୍ୟର ଆତିଥ୍ୟ ଓ ପର୍ଯ୍ୟଟନ କ୍ଷେତ୍ରରେ ଦକ୍ଷ ମାନବ ସମ୍ବଳ ଭାବେ ପ୍ରତିଷ୍ଠିତ ହେବେ ବୋଲି ଜିଲ୍ଲା ପ୍ରଶାସନ ଆଶାବ୍ୟକ୍ତ କରିଛନ୍ତି ।




## ଜଣେ ଅଭିଯୁକ୍ତଙ୍କୁ ଗିରଫ ସହ ୨୦ ଗ୍ରାମ ଜବତ କଲା ରାଉରକେଲା ପୋଲିସ



ରାଉରକେଲା,୨/୭(ନି/ପ୍ର): ଏକ ହେରୋଇନ୍ ଚୋରା ଚାଲାଣ ମାମଲାରେ ରାଉରକେଲା ପ୍ଲାଂଟସାଇଟ୍ ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ତାଙ୍କ ନିକଟରୁ ୨୦ ଗ୍ରାମ୍ ହେରୋଇନ୍ ଜବତ କରାଯାଇଛି । ପୋଲିସ୍ ପକ୍ଷରୁ ସୂଚନା ଅନୁସାରେ ଆଜି ଏସ୍ଆଇ ଉମେଶ କୁମାର ଆହିର ଥାନା କର୍ମଚାରୀଙ୍କ ସହିତ ପ୍ଲାଂଟସାଇଟ୍ ଥାନା ଅଂଚଳରେ ଦିନ ପେଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଶ୍ରୀ ଆହିର ରାଉରକେଲା ରେଳବାଇ କଲୋନି ସ୍ଥିତ ବଡ଼ା ପାର୍କ ନିକଟରେ ଏକ ଅବକାରୀ ମାମଲା (ଘଉଚଝ) କେସ୍ ଚିହ୍ନଟ କରିଥିଲେ । ଅଭିଯୁକ୍ତ ଭାଗୀରଥି ମେହେର ବିନା ଲାଇସେନ୍ସ ଓ କାଗଜପତ୍ରରେ ଏକ ସ୍ୱୟଂ-ଲକ୍ ହୋଇଥିବା ସ୍ୱଚ୍ଛ ପଲିଥିନ୍ ପ୍ୟାକେଟରେ ୨୦ ଗ୍ରାମ ଚୋରା ହେରୋଇନ୍ ନେଇ ଯାଉଥିଲେ, ଯାହା ସ୍କୁଲ୍ ଏବଂ କଲେଜ୍ ପଢୁଥିବା ଛାତ୍ରଙ୍କ ସମେତ ସାଧାରଣ ଜନତାଙ୍କୁ ଆର୍ଥିକ ଲାଭ ପାଇଁ ବିକ୍ରୟ କରିବାକୁ ଉଦ୍ଦିଷ୍ଟ ଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଘଟଣାରେ ଗିରଫ ଅଭିଯୁକ୍ତ ହେଲେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଲାଇମେସର ଗ୍ରାମର ଭାଗୀରଥୀ ମେହେର (୩୨ ବର୍ଷ) ଏବଂ ବର୍ତମାନ ଅଭିଯୁକ୍ତ ଶ୍ରୀ ମେହେର ଝାରସୁଗୁଡ଼ା ଜିଲ୍ଲା ଟାଉନ୍ ଥାନା ଅଧିନସ୍ଥ ବୁରୋମାଲ, ଶାନ୍ତି ନଗରରେ ରହୁଥିବା ସୂଚନା ମିଳିଛି । ଅଭିଯୁକ୍ତଙ୍କ ନିକଟରୁ ୨୦ ଗ୍ରାମ୍ କଟ୍ରାଂବଣ୍ଡ ହିରୋଇନ୍ ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଅଭିଯୁକ୍ତ ଭାଗୀରଥୀ ମେହେରଙ୍କ ନାମରେ ପୂର୍ବରୁ ଝାରସୁଗୁଡ଼ା ପୁଲିସରେ ତିନୋଟି ମାମଲା ରହିଥିବା ସୂଚନା ମିଳିଛି । ଅଭିଯୁକ୍ତଙ୍କ ବିରୁଦ୍ଧରେ ପ୍ଲାଂଟସାଇଟ୍ଥାନା କେସ୍ନମ୍ବର-୬୧୧/ତା ୦୨/୭/୨୦୨୬ ରିଖରେ ଏନଡିପିଏସ୍ ଆକ୍ଟର ୨୧(ଖ) ଅନ୍ତର୍ଗତ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଆମ ପୋଲିସ ସମିତି ବୈଠକ

ମାଲକାନଗିରି, ୨/୭: ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି ୭୯ ଥାନା ପରିସରରେ ଆଜି ଆମ ପୋଲିସ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଥାନା ଅଧିକାରିଣୀ ପୂର୍ଣ୍ଣିମା ଟେଟେ, ଏସ୍.ଆଇ. ଶ୍ରୀଚନ୍ଦନ ବେହେରା, ଏ.ଏସ୍.ଆଇ. ନିରଞ୍ଜନ ଭତ୍ରାଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଏବଂ ଅଂଚଳର ବହୁବୁଦ୍ଧିଜୀବି, ଜନପ୍ରତିନିଧି ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ବୈଠକରେ ବିଶେଷ ଭାବେ 'ନିଶାମୁକ୍ତ ଓଡ଼ିଶା' ଅଭିଯାନକୁ ସଫଳ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି, ଯୁବପିଢ଼ିଙ୍କୁ ନିଶା କବଳରୁ ଦୂରେଇ ରଖିବା, ଆଇନଶୃଙ୍ଖଳା ବଜାୟ ରଖିବା ସଚେତନ କରିବା ପାଇଁ ଶପଥ ଗ୍ରହଣ କରିଥିଲେ ।

## ଲେଡି ଲାୟନ୍ସର ଶିଶୁ ବ୍ୟବସାୟ ମହୋତ୍ସବ




ରାଉରକେଲା,୨/୭(ନି/ପ୍ର): ସାମାଜିକ ଅନୁଷ୍ଠାନ ଲେଡି ଲାୟନ୍ସ ତରଫରୁ ଏଫଇଟୁ ଠାରେ ଶିଶୁ ବ୍ୟବସାୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଲେଡି ଲାୟନ୍ସ ର ମୁଖ୍ୟ ବନ୍ଦିତା ମାହତୋ ଙ୍କ ଅଧ୍ୟକ୍ଷତା ଓ କବିତା ମାହତୋଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ହରିହର ରାଉତରାୟ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଦିଲିପ ଜେନା,କମଲ ଅଗ୍ରୱାଲ,ଦୀପକ ଦାସ,ରବି ରାୟ, ଲତିକା ପଟ୍ଟନାୟକ, ଜିତେନ୍ଦ୍ର ପ୍ରସାଦ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପ୍ରଶଂସା କରିବା ସହ ଏହା ଶିଶୁଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଶକ୍ତି କୁ ବିକାଶ କରିବ ବୋଲି ମତ ରଖିଥିଲେ । ଏହି ମହୋତ୍ସବରେ ପ୍ରାୟ ୩୦ ରୁ ୩୫ ଷ୍ଟଲ ମାଧ୍ୟମରେ ପିଲାମାନେ ହାତ ତିଆରି ହସ୍ତଶିଳ୍ପ,ଚିତ୍ରକଳା,ମାଟି ମୂର୍ତ୍ତି, ସାଜସଜ୍ଜା ପାତ୍ର,ଘର ତିଆରି ଖାଦ୍ୟ ସାମଗ୍ରୀ ଏବଂ ବିଭିନ୍ନ ସୃଜନଶୀଳ ଉତ୍ପାଦ ପ୍ରଦର୍ଶନ ସହ ବିକ୍ରୟ କରିଥିଲେ । ଯାହାକୁ ନେଇ ଦର୍ଶକ ଓ ଶିଶୁ ମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଏହା ସହିତ ଶିଶୁ ମାନଙ୍କ ମଧ୍ୟରେ ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା ରେ ସ୍ନେହା ଗନ୍ତାଘରିଆ, ଧନମାୟା ବିଷ୍ଟ,ଅନୁପମା ଦାସ,ଭାରତୀ ତ୍ରିପାଠୀ,ଛବି ପାତ୍ର,ସୁଚିତ୍ରା ଦର୍ଜୀ,ଗ୍ରେସୀ ଡେଭିଡ, ଦୀପ୍ତି ସୁନ୍ଦରାୟ, ବିଜୟ ସୁନ୍ଦରାୟ, ବିଶ୍ୱଜିତ ରାଉତ, ଲୀନା ରାଉତ,ଗୌରୀ କୁମ୍ଭାର, ଲିପ୍ସା ରଞ୍ଜିତ ଓ ଅନ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

## ଓଡ଼ିଆ ସାହିତ୍ୟରେ ବର୍ଷା ଆଲୋଚନାଚକ୍ର



ରାଉରକେଲା,୨/୭(ନି/ପ୍ର): ଅଖିଳ ଭାରତୀୟ ସାହିତ୍ୟ ପରିଷଦ କେଶବ ନଗର ଶାଖା ତରଫରୁ ସେକ୍ଟର ୧୭ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ମାସିକିଆ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଶାଖାର ସଭାପତି ବିଜୟିନୀ ଜେନାଙ୍କ ସଭାପତିତ୍ୱ ଓ ସମ୍ପାଦିକା ସୁସ୍ମିତା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା କଲେଜର ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର ସୁଜାତା ପ୍ରଧାନ ମୁଖ୍ୟଅତିଥି ଓ ବିଷୟ ବିଶେଷଜ୍ଞ ଭାବେ ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ଓଡ଼ିଆ ସାହିତ୍ୟରେ ବର୍ଷା ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଉଭୟ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖି ବର୍ଷା ର ଆଗମନ, ବର୍ଷା ଋତୁର ସୌନ୍ଦର୍ଯ୍ୟବୋଧ, ଚାଷୀ ଭାଇର ମିତ, ବର୍ଷା କୁ ନେଇ କିପରି ସାହିତ୍ୟିକ କବିମାନଙ୍କର କଲମ ଚଳଚଂଚଳ ହୁଏ ତଥା ବିଭିନ୍ନ ସାହିତ୍ୟିକଙ୍କ ଲେଖନୀ ଚାଳନାରେ ସାହିତ୍ୟ କିପରି ଉଦବୁଦ୍ଧ ହୋଇଛି ସେ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ । ପରେ ପୁଷ୍ପାରାଣୀ ପଟେଲ ଏକ ଅଣୁ ଗଳ୍ପ ପାଠ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟ ବାପା ସମ୍ପର୍କିତ କବିତା ପାଠ କାର୍ଯ୍ୟକ୍ରମରେ ଇଂ ଅଶୋକ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲାବେଳେ କବୀ ଅର୍ଚ୍ଚନା ପାତ୍ର କବିତା ଗୁଡ଼ିକ ସଂଯୋଜନା କରିଥିଲେ । ସର୍ବଶ୍ରୀ ତ୍ରିଲୋଚନ ମଥାନ, ହରମୋହନ ମିଶ୍ର,ମୀନକେତନ ପଶାୟତ, ବିଜୟିନୀ ଜେନା,କୁଞ୍ଜବିହାରୀ ରାଉତ, ସୁସ୍ମିତା ମହାପାତ୍ର, ସୁମନ୍ତ ଉପାଧ୍ୟାୟ, ଗଙ୍ଗାଧର ପୁହାଣ, ଅଶୋକ କୁମାର ପଟ୍ଟନାୟକ, ଅର୍ଚ୍ଚନା ପାତ୍ର ପ୍ରମୁଖ ବାପା ସମ୍ପର୍କିତ କବିତା ପାଠ କରିଥିଲେ । ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ରାଉତ ପ୍ରାକ କଥନ ଓ ଶିକ୍ଷାବିତ ସୌମ୍ୟପ୍ରସାଦ ନନ୍ଦ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଶେଷରେ ଶାଖାର ଉପସଭାପତି ପ୍ରବୀର କୁମାର ଦୁବେ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ କରୁଣାକର ପାଟ୍ଟଶାଣୀ, ସସ୍ମିତା ପ୍ରଧାନ, କୈଳାଶ ଚନ୍ଦ୍ର ମାହାଳୀ, ଗଣେଶ ଜୟସିଂହ, ରମେଶ ମହନ୍ତ, ଲୀଳାବତୀ ମହନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

## ଆମ ପୁଲିସର ବୈଠକ




ରାଉରକେଲା,୨/୭(ନି/ପ୍ର): ସେକ୍ଟର ୧୯ ଥାନା ର ଆମ ପୁଲିସ କମିଟି ତରଫରୁ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଥାନା ପ୍ରଭାରୀ ବୈଦ୍ୟନାଥ ସାହୁ ଙ୍କ ଅଧ୍ୟକ୍ଷତା ଓ ଆବାହକ ଡ ସୁମନ ଦନ୍ତଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସନ୍ତା ରଥଯାତ୍ରା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା,ସାଇବର ଅପରାଧ, ଦୃତ ଗତିରେ ଗାଡି ଚାଳନା, ପରିବେଶ, ପରିଚ୍ଛନ୍ନତା, ଟ୍ରାଫିକ ସମସ୍ୟା,ବୟସ୍କ ନାଗରିକଙ୍କ ସୁରକ୍ଷା ଆଦି ଉପରେ ଆଲୋଚନା କରାଯାଇଥିଲା । ଏହି ଆଲୋଚନାରେ ସବଇନ୍ସପେକ୍ଟର ଦୁର୍ଯୋଧନ ପ୍ରଧାନ, ଏଏସଆଇ ମନୋରଞ୍ଜନ ପରିଡା ଓ ସୁରେଶ ଦାସ ଓ ଆମ ପୁଲିସ ତରଫରୁ କୁଞ୍ଜବିହାରୀ ରାଉତ, ନିହାର ଦାସ, ସୁବାସ କୁମାର ଗୁପ୍ତା, ସଂଗ୍ରାମ ମହାନ୍ତି, ଶ୍ୟାମସୁନ୍ଦର ସ୍ୱାଇଁ, ମୁରଲୀଧର ମିଶ୍ର, ଦିବାକର ନାୟକ, ଭଗବାନ ବିଶ୍ୱାଳ, ବିନୋଦ କୁମାର ଚୌଧୁରୀ, ଚନ୍ଦ୍ରକାନ୍ତ ସାହୁ,ଟିଙ୍କୁ ପାଲ,ସମସାଦ ଆଲାମ, ଅଜୟ କୁମାର ଦାସ, ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ସବଇନ୍ସପେକ୍ଟର ଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବନ ମହୋତ୍ସବର ପ୍ରଥମ ଦିବସରେ ତୁଳସୀ ଦେବ ବୃକ୍ଷ ରୋପଣ ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ମୈଦଲପୁର/ପାପଡ଼ାହାଣ୍ଡି,୨/୭(ନି/ପ୍ର):ବନ ମହୋତ୍ସବର ପ୍ରଥମ ଦିବସ ଅବସରରେ ପାପଡ଼ାହାଣ୍ଡି ବ୍ଲକର ସେମଳା କ୍ଲଷ୍ଟରର ସିଆରସିସି ତଥା ପ୍ରକୃତି ବନ୍ଧୁ ବାବୁଲାଲଙ୍କ ପ୍ରୟାସରେ ସରକାରୀ ଉଚ୍ଚ ବିଦ୍ୟାଳୟ, ମୈଦଲପୁରଠାରେ ତୁଳସୀ ବୃକ୍ଷ ରୋପଣ, ତୁଳସୀ ପୂଜନ ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷର ଗୁରୁତ୍ୱ, ପରିବେଶ ସନ୍ତୁଳନ ଏବଂ ସବୁଜ ପୃଥିବୀ ଗଠନରେ ପ୍ରତ୍ୟେକଙ୍କ ଦାୟିତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା । ବକ୍ତାମାନେ କହିଥିଲେ ଯେ ବୃକ୍ଷ ହେଉଛି ଜୀବନର ଆଧାର । ସେମାନେ ଅମ୍ଳଜାନ ଯୋଗାଇ ପରିବେଶକୁ ସନ୍ତୁଳିତ ରଖିବା ସହ ଜୀବଜଗତର ଅସ୍ତିତ୍ୱକୁ ସୁରକ୍ଷିତ କରନ୍ତି । ବିଶେଷକରି ତୁଳସୀ ଭାରତୀୟ ସଂସ୍କୃତିରେ ପବିତ୍ର ଉଦ୍ଭିଦ ଭାବେ ପରିଚିତ । ଏହାର ଔଷଧୀୟ ଗୁଣ ଅନେକ ରୋଗର ପ୍ରତିରୋଧରେ ସହାୟକ ହେବା ସହ ପରିବେଶକୁ ସ୍ୱଚ୍ଛ ଓ ସୁସ୍ଥ ରଖିବାରେ ମଧ୍ୟ ଉପକାରୀ । ପ୍ରକୃତି ବନ୍ଧୁ ବାବୁଲାଲ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରି କହିଥିଲେ, 'ଶିଶୁଟିଏ – ବୃକ୍ଷଟିଏ' ସ୍ଲୋଗାନକୁ ସାର୍ଥକ କରିବା ପାଇଁ ପ୍ରତ୍ୟେକ ଶିଶୁ ଅତି କମରେ ଗୋଟିଏ ବୃକ୍ଷ ଲଗାଇ ତାହାର ଯତ୍ନ ନେବା ଉଚିତ । ଆଜିର ଶିଶୁ ଯଦି ଗୋଟିଏ ବୃକ୍ଷକୁ ସୁରକ୍ଷା କରିବ, ତେବେ ଆଗାମୀ ପିଢ଼ି ଏକ ସବୁଜ, ସୁସ୍ଥ ଓ ପ୍ରଦୂଷଣମୁକ୍ତ ପରିବେଶ ପାଇବ । କାର୍ଯ୍ୟକ୍ରମରେ ତୁଳସୀ ପୂଜନ ସହ ବୃକ୍ଷରୋପଣ କରାଯାଇ ପରିବେଶ ସୁରକ୍ଷାର ଶପଥ ନିଆଯାଇଥିଲା । ଉପସ୍ଥିତ ସମସ୍ତଙ୍କୁ ଅଧିକରୁ ଅଧିକ ବୃକ୍ଷ ରୋପଣ କରି ସେଗୁଡ଼ିକର ସୁରକ୍ଷା କରିବାକୁ ଆହ୍ୱାନ କରାଯାଇଥିଲା । ବନ ମହୋତ୍ସବ ଅବସରରେ ଏଭଳି ସଚେତନତାମୂଳକ କାର୍ଯ୍ୟକ୍ରମ ସମାଜରେ ପରିବେଶ ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବ ବୋଲି ମତ ପ୍ରକାଶ ପାଇଥିଲା

## ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଅବସର ଦିନ ଫାଇନାଲ ପେନସନ ପେପର୍ ପ୍ରଦାନ

ମାଲକାନଗିରି, ୨/୭(ନି/ପ୍ର): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀ ଚିନ୍ମରଞ୍ଜନ ପାଣିଗ୍ରାହୀଙ୍କ କରକମଳରେ ଅବସର ନେଉଥିବା ଶିକ୍ଷକ ବୃନ୍ଦଙ୍କୁ ଫାଇନାଲ ପେନସନ ପେପର୍ ପ୍ରଦାନ କରାଯାଇ ସମସ୍ତ ଶିକ୍ଷକ ମାନଙ୍କ ଉତ୍ସର୍ଗୀକୃତ ସେବା ପାଇଁ ସମ୍ମାନ ପ୍ରଦାନ ହେଲା । ଏହି କ୍ରମରେ ସୁଜିତ୍ କୁମାର ଗିରି , ସହକାରୀ ଶିକ୍ଷକ ସରକାରୀ ଉଚ୍ଚ ବିଦ୍ୟାଳୟ କାଲିମେଳା ଓ ଶଙ୍କର୍ଷଣ ଜେନା କନିଷ୍ଠ ସହାୟକ, ସାବେରୀ ବିଦ୍ୟାପୀଠ କିୟାଙ୍ଗ ମାଲକାନଗିରିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଗଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜଗନ୍ନାଥ ପ୍ରସାଦ ବେହେରା, ଜିଲ୍ଲା ଶାରୀରିକ ନିରୀକ୍ଷକ କାର୍ତିକ ଚନ୍ଦ୍ର ବେହେରା ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ମୁରିବାହାଲ ପୋଲିସ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ

ବଲାଙ୍ଗୀର,୨/୭(ନି/ପ୍ର): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଆଜି ନିଶାସେବନ ଯୁବ ସମାଜକୁ କବଳିତ କରିଛି । ନିଶାଖୋରମାନେ ସମାଜରେ ନାନାଦି ବିଶୃଙ୍ଖଳା ସୃଷ୍ଟି କରିବା ସହ ଏଥିରେ ଅନେକ ଧନଜୀବନ ନଷ୍ଟ ହେଉଛି । ଏହି ପରିପ୍ରେକ୍ଷୀରେ ମୁରିବାହାଲକୁ ଏକ ସୁସ୍ଥ, ସୁନ୍ଦର ଓ ନିଶାମୁକ୍ତ ସମାଜ ଭାବେ ଗଢ଼ି ତୋଳିବାର ଲକ୍ଷ୍ୟ ନେଇ ମୁରିବାହାଲ ପୋଲିସର ଉଦ୍ୟମରେ ମୁରିବାହାଲର ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ନେଇ ନିଶା ମୁକ୍ତ ଓଡ଼ିଶା ଅଭିଯାନର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ମୁରିବାହାଲ ଥାନା ପରିସରରେ ଅନୁଷ୍ଠିତ ଏହି ସଚେତନତା ବୈଠକରେ ନିଶାସେବନ ଯୋଗୁଁ ବିପଥଗାମୀ ହେଉଥିବା ସମାଜକୁ କିପରି ଏହାଠାରୁ ଦୂରେଇ ରଖାଯାଇ ପାରିବ, ସେ ବିଷୟରେ ଆଲୋଚନା ହୋଇଥିଲା । ନିଶା ସେବନକୁ ବନ୍ଦ କରିବା ସହ ମୁରିବାହାଲକୁ ନିଶାମୁକ୍ତ ବ୍ଲକ ଭାବରେ ଗଢ଼ି ତୋଳିବା ନେଇ ସମସ୍ତେ ଏକ ଶପଥ ପାଠ କରିଥିଲେ । ସମାଜରେ ଘଟୁଥିବା ଅଧିକାଂଶ ଅସାମାଜିକ କାର୍ଯ୍ୟକଳାପ ପଛରେ ଏହି ନିଶା କାରବାରକୁ ହିଁ ଦାୟୀ କରାଯାଇ ପାରିବ । ମୁରିବାହାଲ ଥାନା ଇନିସ୍ପେକ୍ଟର ବୁଲୁ ମୁଣ୍ଡା, ଏସ୍ଆଇ ଶୁଶିଲ ମହାପାତ୍ର, ଏସ୍ଆଇ ପ୍ରମୋଦ ପଧାନ ଏବଂ ଏସ୍ଆଇ ପଙ୍କଜିନୀ ବାଗ ପ୍ରମୁଖ ସମାଜ ଉପରେ ନିଶା ସେବନର ନିଶା ନିବାରଣ ଉପରେ ସଚେତନ କରିବା ପାଇଁ ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କ ସହଯୋଗ ଲୋଡ଼ିଲା ମୁରିବାହାଲ ପୋଲିସ କୁପ୍ରଭାବ ସମ୍ପକରେ ବୁଝାଇବା ସହ ଏହାକୁ ରୋକିବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ବୈଠକରେ ମୁରିବାହାଲ ଗ୍ରାମ ପଂଚାୟତ ସରପଂଚ ବିଶ୍ୱବିହାରୀ ଯୋଶୀ, ଆଦିବାସୀ ନେତା ରାଜିବ କୁଅଁର,ବିଜେପି ନେତା ରାଜିବ କୁମାର ମହାନ୍ତି, ପ୍ରମୁଖ ଯୋଗଦେଇ ପୋଲିସର ନିଶାମୁକ୍ତ ଓଡ଼ିଶା ଅଭିଯାନକୁ ପ୍ରଶଂସା କରିବା ସହ ମୁରିବାହାଲକୁ ଏକ ନିଶାମୁକ୍ତ ବ୍ଲକ ଭାବରେ ଗଢ଼ିବା ପାଇଁ ଅନୁରୋଧ କରିଥିଲେ ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଭାବ ବିହ୍ୱଳ ବିଦାୟ ସମ୍ବର୍ଦ୍ଧନା



ରାଉରକେଲା,୨/୭(ନି/ପ୍ର): ସେକ୍ଟର-୬ ବିଦ୍ୟାନଗରୀ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରଶ୍ମିବାଳା ମହାପାତ୍ରଙ୍କୁ ବିଦ୍ୟାଳୟ ପରିସରରେ ଭାବ ବିହ୍ୱଳ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା ପାର୍ବତୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜର୍ଣ୍ଣାଲିଷ୍ଟ ଆସୋସିଏସନର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ ମୁଖ୍ୟଅତିଥି, ସିଆରସିସି ଦୀପକ କୁମାର ସାମଲ, ପ୍ରାକ୍ତନ ସିଆରସିସି ତଥା ପ୍ରଧାନଶିକ୍ଷକ ପ୍ରବୀର କୁମାର ଦୁବେ, ପ୍ରାକ୍ତନ ସିଆରସିସି ତଥା ଜାତୀୟ ଫୁଟବଲ ରେଫ୍ରି ଭାସ୍କର ନନ୍ଦ, ବିଶିଷ୍ଟ ଶ୍ରମିକନେତା ନୃସିଂହ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ମହାପାତ୍ରଙ୍କ ବିଦ୍ୟାଳୟ ପ୍ରତି ଆନୁଗତ୍ୟ ଓ ପ୍ରତିବଦ୍ଧତା, ଶିକ୍ଷାଦାନ, ବିଦ୍ୟାଳୟର ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଅବଦାନ କୁ ଭୂୟସୀ ପ୍ରଶଂସା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷୟିତ୍ରୀ ସଚଳା ବାରିକ,ପ୍ରଭାତୀ ମାହାନ୍ତ, ପରିଚାଳନା କମିଟିର ସୌଦାମିନୀ ପାଣ୍ଡେ ପ୍ରମୁଖ ଶ୍ରୀମତୀ ମହାପାତ୍ରଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସମ୍ବର୍ଦ୍ଧନା ପ୍ରତ୍ୟୁତ୍ତରରେ ଶ୍ରୀମତୀ ମହାପାତ୍ର ଶିକ୍ଷାଦାନରେ ୩୫ ବର୍ଷର ଅଭିଜ୍ଞତା, ଶୃଙ୍ଖଳା, ବିଦ୍ୟାଳୟ ପ୍ରତି ପ୍ରତିବଦ୍ଧତା, ଶିକ୍ଷକ ଶିକ୍ଷୟିତ୍ରୀ ପାଚିକାଙ୍କ ମଧ୍ୟରେ ଐକ୍ୟବଦ୍ଧତା,ଦୁବେ ସାର ଓ ନନ୍ଦ ସାର୍ ଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀ, ପରିଚାଳନା କମିଟି, ସହକର୍ମୀ, ସିଆରସିସି ମାନଙ୍କ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ ସହ କେକ୍ କଟାଯାଇ ତାଙ୍କର ଅବସର ଜୀବନ ସୁଖମୟ ହେବାପାଇଁ କାମନା କରାଯାଇଥିଲା । ସିଆରସିସି ଶ୍ରୀ ସାମଲଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକର୍ମୀ ମାନଙ୍କ ବକ୍ତବ୍ୟ ଭାବ ବିହ୍ୱଳ ପରିବେଶ ସୃଷ୍ଟି କରିଥିଲା । ଶେଷରେ ଶିକ୍ଷୟିତ୍ରୀ ତୃପ୍ତି ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ମୟୀ ରାଉତ, ସୁଲୋଚନା ମିଶ୍ର, ସୁଜାତା ମହାପାତ୍ର,ପରିଚାଳିକା ମମତା, ଟିଙ୍କିନା, କନକ,ରୁମିତା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

## "ନିଶାମୁକ୍ତ ଓଡ଼ିଶା ଅଭିଯାନ"କୁ ନେଇ ସଚେତନତା କାର୍ଯ୍ୟକ୍ରମ



ରାଉରକେଲା,୨/୭(ନି/ପ୍ର): ଓଡ଼ିଶାକୁ ନିଶାମୁକ୍ତ ରାଜ୍ୟରେ ପରିଣତ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା "ନିଶାମୁକ୍ତ ଓଡ଼ିଶା ଅଭିଯାନ" ଅନ୍ତର୍ଗତ ମଙ୍ଗଳବାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ , ପୋଲିସ୍ ଷ୍ଟେସନ୍ ଏବଂ ଅନ୍ୟାନ୍ୟ ସଂସ୍ଥାରେ ସଚେତନତା କାର୍ଯ୍ୟକ୍ରମ ସହ ଶପଥ ପାଠ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଅଧିକାରୀ, କର୍ମଚାରୀ, ଶିକ୍ଷକ, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ନିଶାଦ୍ରବ୍ୟ ସେବନରୁ ଦୂରେଇ ରହିବା ସହ ସମାଜକୁ ନିଶାମୁକ୍ତ କରିବା ପାଇଁ ସମସ୍ତଙ୍କୁ ସଚେତନ କରିବାର ଶପଥ ନେଇଥିଲେ । ଏହି ପରିପ୍ରେକ୍ଷୀରେ ରାଉରକେଲା ପ୍ଲାଂଟ ସାଇଟ୍ ଥାନା ପରିସରରେ ନିଶା ମୁକ୍ତ ଓଡ଼ିଶା ଅଭିଯାନ ଜରିଆରେ ଶପଥ ପାଠ କରା ଯାଇଥିଲା । ଥାନା ଇନ୍ସପେକ୍ଟର ବିଭସ୍ତ ପ୍ରଧାନ ଉପସ୍ଥିତ ନାଗରିକଙ୍କୁ ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମରେ ରାଉରକେଲା ଇଟିଂଗ୍ରେସନ୍ ଫୋରମ୍ ସଦସ୍ୟ , ଶାନ୍ତି କମିଟି ସଦସ୍ୟ , ସାଧାରଣ ନାଗରିକ ଯୋଗ ଦେଇଥିଲେ । ବକ୍ତାମାନେ କହିଥିଲେ ଯେ, ନିଶା ସେବନ କେବଳ ବ୍ୟକ୍ତିର ସ୍ୱାସ୍ଥ୍ୟ ନୁହେଁ, ପରିବାର ଓ ସମାଜ ଉପରେ ମଧ୍ୟ କୁପ୍ରଭାବ ପକାଇ ଥାଏ । ତେଣୁ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ ଓ ସଚେତନତା ଆବଶ୍ୟକ ବୋଲି ବକ୍ତା ମାନେ ଆହ୍ୱାନ କରିଥିଲେ । ରାଜ୍ୟବ୍ୟାପୀ ଚାଲିଥିବା ଏହି ଅଭିଯାନ ମାଧ୍ୟମରେ ଯୁବପିଢ଼ି ଙ୍କୁ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ସହ ଏକ ସୁସ୍ଥ ଓ ନିଶାମୁକ୍ତ ଓଡ଼ିଶା ଗଠନ ଉପରେ ଥାନା ଇନ୍ସପେକ୍ଟର ଶ୍ରୀ ପ୍ରଧାନ ଗୁରୁତ୍ୱ ଆରୋପ କରିଥିଲେ ।